ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.150 Bhubaneswar Friday July 21 2023 | ୨୬ତମ ବର୍ଷ ସଂଖ୍ୟା-୧୫୦ ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୨୦, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

# ହେ ପ୍ରଭୁ, ସବୁ ସାରିଦେଲେ! ପାଣ୍ଡିଆନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚେଲା କହିଲେ ମିଶନ ଶକ୍ତି ମହିଳା

ଭୁବନେଶ୍ୱର, ୨୦ ।୭(ପି.ଏନ): ହେ ପ୍ରଭୁ ! ସବୁ ସାରିଦେଲେ ସ୍ୱୟଂସହାୟକ ଗୋଷ୍ଠୀ ମହିଳା । ୫-ଟି ସଚିବ ଭି.କେ. ପାଣ୍ଡିଆନ୍‌ଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚେଲା କହିଲେ । ସତେ ଯେମିତି ଲାଗୁଛି, ପାଣ୍ଡିଆନ୍‌ଙ୍କ ଡେଜିଗନେସନ୍ ବଦଳି ହୋଇଛି । ୫-ଟି ସଚିବରୁ 'ଚେଲା' ପଦବୀକୁ ପଦୋନ୍ନତି ହୋଇଛି । ତେବେ କିଏ ଏହି ପଦୋନ୍ନତି ଦେଇଛି, ତାହା ଜଣାନାହିଁ । ହେଲେ ପାଣ୍ଡିଆନ୍‌ଙ୍କ ସଭାକୁ ଆସିଥିବା ସ୍ୱୟଂସହାୟକ ଗୋଷ୍ଠୀ ମହିଳାମାନେ ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚେଲା ବୋଲି ସମ୍ବୋଧନ କରୁଛନ୍ତି । ଯାହା ସାଧାରଣରେ ହାସ୍ୟରୋଳ ସୃଷ୍ଟି କରୁଛି ।ଘଟଣାଟି ଏମିତି । ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଆଜି ନୟାଗଡ ଜିଲ୍ଲା ଗସ୍ତରେ ଯାଇଥିଲେ । ପାଣ୍ଡିଆନ୍‌ଙ୍କ ହେଲିକପ୍ଟର ଦଶପଲ୍ଲା ନେତାଜୀ



ପଡିଆରେ ଓହ୍ଲାଇଥିଲା । ସେଠାରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ପରେ ଆୟୋଜିତ ସଭାରେ ଭି.କେ. ପାଣ୍ଡିଆନ୍ ଯୋଗ ଦେଇଥିଲେ । ସଭାରେ ଉପସ୍ଥିତ ଥିବା ଦଶପଲ୍ଲା, ଗଣିଆ ଓ ନୂଆଗାଁର ସ୍ୱୟଂସହାୟକ ଗୋଷ୍ଠୀର ମହିଳାଙ୍କ ସହ କଥା ହୋଇଥିଲେ ପାଣ୍ଡିଆନ୍ । ଖାଲି କଥା ହୋଇନଥିଲେ, ମହିଳାଙ୍କ ଅଭିଯୋଗ ଶୁଣିଥିଲେ । ଆଉ ପୁଜା ପୁଜା ପ୍ରତିଶ୍ରୁତି ପୂରଣ ହେବ ବୋଲି କଥା ଦେଇଥିବା ମହିଳାମାନେ କହିଛନ୍ତି ।

## ଭୟଙ୍କର ଭୂସ୍ଖଳନ: ୧୩ ମୃତ, ୧୦୦ରୁ ଅଧିକ ଫସି ରହିଥିବା ଆଶଙ୍କା

ନୂଆଦିଲ୍ଲୀ, ୨୦ ।୭(ପି.ଏନ):ଲଗାଣ ବର୍ଷା ଯୋଗୁ ମହାରାଷ୍ଟ୍ରର ରାଇଗଡ ଜିଲ୍ଲାରେ ଭୟଙ୍କର ଭୂସ୍ଖଳନ ହୋଇଛି । ଏଥିରେ ୧୩ ଜଣ ମୃତ୍ୟୁ ହୋଇଥିବା ବେଳେ ୧୦୦ରୁ ଅଧିକ ଲୋକ ଏବେ ବି ମାଟି ତଳେ ଫସି ରହିଥିବା ଆଶଙ୍କା କରାଯାଉଛି । ଗୁରୁବାର ଭୋର ସମୟରେ ଭୂସ୍ଖଳନ ହୋଇଥିଲା । କିନ୍ତୁ ଏଯାଏ ଉଦ୍ଧାର କାର୍ଯ୍ୟ ଶେଷ ହୋଇ ପାରିନି । ଏହି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ପ୍ରାୟ ୪୮ଟି ପରିବାରର ଲୋକ ପ୍ରଭାବିତ ହୋଇଛନ୍ତି ।ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ଘଟଣା ସ୍ଥଳରୁ ବିଚ୍ଳିତ କରିବା ଭଳି ଫଟୋ ଆସିଛି । ଅନେକ ଘର ଭୁଶୁଡି ପଡିଥିବା ବେଳେ ଜିନିଷପତ୍ର ନଷ୍ଟ ହୋଇଯାଇଛି । ମାଟି ତଳୁ ନିଜର ପ୍ରିୟଜନଙ୍କୁ ଜୀବିତ ଉଦ୍ଧାର କରିବା ପାଇଁ ଲୋକମାନେ ଡହଳ ବିକଳ ହେବାରେ ଲାଗିଛନ୍ତି ।ପାହାଡିଆ ଅଞ୍ଚଳରେ ଭୂସ୍ଖଳନ ହୋଇଥିବାରୁ ବିଶେଷଜ୍ଞ ଟିମକୁ ଉଦ୍ଧାର କାର୍ଯ୍ୟରେ ଲଗା ଯାଇଛି । ଏଥିରେ ୪୬ଟି ଘର ଭାଙ୍ଗି ଯାଇଥିବା ବେଳେ ୨୦ ଜଣ ମାଟି ତଳେ ସଂପୂର୍ଣ୍ଣ ଭାବେ ପୋତି ହୋଇ ଯାଇଛନ୍ତି ।

## ନୀଳାଦ୍ରି ବିଜେକୁ ୧୯ ଦିନ ବିତିଲାଣି, ମହାପ୍ରଭୁଙ୍କର ହୋଇପାରୁନି ବନକଲାଗି ନୀତି



ପୁରୀ, ୨୦ ।୭(ପି.ଏନ): ରଥଯାତ୍ରା ଯାଇ ନିଳାଦ୍ରୀ ବିଜେ ସରିଲାଣି । ଏହା ଭିତରେ ୧୯ ଦିନ ବିତିଲାଣି । ହେଲେ ତା'ପରଠୁ ରତ୍ନବେଦୀ ଉପରେ ଆଉ ତିନି ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାର ହୋଇନି । ନିର୍ଦ୍ଦିଷ୍ଟ କେଉଁ ବାରରେ ଏହି ଗୁପ୍ତସେବା ହେବ ତାକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ଓ ଦଉ ମହାପାତ୍ର ସେବକଙ୍କ ମଧ୍ୟରେ ବିବାଦ ତୁଟୁନଥିବାରୁ ସୃଷ୍ଟି ହୋଇଛି ଏଭଳି ଅଭାବନୀୟ ପରିସ୍ଥିତି । ତେଣେ ଭକ୍ତ କହିଲେଣି, ଶୀଘ୍ର ଏହାର ପରିସମାପ୍ତି ଘଟାଇ ଠାକୁରମାନଙ୍କ ଶ୍ରୀମୁଖ ଶୃଙ୍ଗାର କରାଯାଉ ।ମହାପ୍ରଭୁଙ୍କ ବନକଲାଗି ସେବା କରିଆସୁଥିବା ଦଉ ମହାପାତ୍ର ସେବକଙ୍କ ଦାବି- ଶ୍ରୀମନ୍ଦିର ସତ୍ତ୍ୱଲିପିରେ ମାସକୁ ୪ ଥର ଓ ପ୍ରତି ଗୁରୁବାର ଶ୍ରୀମୁଖ ଶୃଙ୍ଗାର ନୀତି କରାଯିବାର ବିଧି ରହିଛି । ଏମିତିକି ଗୁରୁବାର ମହାଲକ୍ଷ୍ମୀଙ୍କ ମାଜଣା ନୀତି ଚାଲୁଥିବାରୁ ସେହିଦିନ ମହାପ୍ରଭୁ ଜଗନ୍ନାଥଙ୍କ ଅଧରପୋଛା ସହ ବନକଲାଗି କରାଯିବାର ତାତ୍ତ୍ୱିକ ନିୟମ ରହିଛି । ଯଦି କେବେ କିଛି ଅସୁବିଧା ଥିଲେ ତା'ର ଦିନକ ଆଗରୁ ଅର୍ଥାତ୍ ବୁଧବାର ବନକଲାଗି କରାଯାଏ । କିନ୍ତୁ ଏବେ ଗୁରୁବାର ପରିବର୍ତ୍ତ ସବୁ ବୁଧବାର ଶ୍ରୀମୁଖ ଶୃଙ୍ଗାର ନୀତି କରିବାକୁ ଶ୍ରୀମନ୍ଦିର ପ୍ରଶାସନ ବାଧ କରୁଛି । ଯାହାକି ରେକର୍ଡ ଅଫ୍ ରାଇଟ୍ସର ଉଲ୍ଲଂଘନ ।

## ସଂସଦର ମୌସୁମୀ ଅଧିବେଶନ ଖୁବ ଗୁରୁତ୍ୱପୂର୍ଣ୍ଣ, ଆସିବ ଜନସାଧାରଣଙ୍କ ସହ ଜଡିତ ଅନେକ ବିଲ

ନୂଆଦିଲ୍ଲୀ, ୨୦ ।୭(ପି.ଏନ): ଆଜି ଠାରୁ ଆରମ୍ଭ ହୋଇଥିବା ସଂସଦର ମୌସୁମୀ ଅଧିବେଶନ ଖୁବ ଗୁରୁତ୍ୱପୂର୍ଣ୍ଣ ଓ ଏଥିରେ ଜନସାଧାରଣଙ୍କ ସହ ଜଡିତ ଅନେକ ବିଲ ଆସିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଟ୍ୱିଟ କରି କହିଛନ୍ତି, ପବିତ୍ର ଶ୍ରାବଣ ମାସରେ ଆରମ୍ଭ ହୋଇଥିବା ସଂସଦର ଏହି ମୌସୁମୀ ଅଧିବେଶନ ଖୁବ ଗୁରୁତ୍ୱପୂର୍ଣ୍ଣ । ଗଣତନ୍ତ୍ରର ଏହି ମନ୍ଦିରରେ ଜନସ୍ୱାର୍ଥ ସମ୍ବଳିତ ଅନେକ ପବିତ୍ର କାର୍ଯ୍ୟ କରିବାର ଏହା ଠାରୁ ଉତ୍ତମ ଅବସର ଆଉ କିଛି ହୋଇ ପାରିବ ନାହିଁ । ଶ୍ରୀ ପ୍ରଧାନ ଆହୁରି କହିଛନ୍ତି, ମୌସୁମୀ ଅଧିବେଶନରେ ଜନସାଧାରଣଙ୍କ ସହ ଜଡିତ ଅନେକ ବିଲ ଅଣାଯାଉଛି । ଏହା ମଧ୍ୟରେ ନ୍ୟାସନାଲ ରିସର୍ଚ୍ଚ ଫାଉଂଡେସନ ବିଲ, ଡାଟା ପ୍ରଟେକ୍ସନ ବିଲ, ଜନ ବିଶ୍ୱାସ ବିଲ ଭଳି ଅନେକ ଭବିଷ୍ୟୋନ୍ମୁଖୀ ଓ ପରିବର୍ତ୍ତନକାରୀ ବିଲ ଦେଶକୁ ଏକ ନୂଆ ଦିଗ ପ୍ରଦାନ କରିବ । ଆସନ୍ତୁ ଆମେ ସମସ୍ତେ ସାଂସଦ ଏହି ଅଧିବେଶନକୁ ସାର୍ଥକ ଆଲୋଚନା ମାଧ୍ୟମରେ ଭାରତର ଉଜ୍ୱଳ ଭବିଷ୍ୟତ ପାଇଁ ଜନ ସ୍ୱାର୍ଥ ସହ ଜଡିତ କାମକୁ କ୍ଷିପ୍ର ଗତିରେ ଆଗକୁ ବଢାଇବା ।

### ବଢୁଛି ହୀରାକୁଦ ଜଳଭଣ୍ଡାରର ଜଳସ୍ତର

ଭୁବନେଶ୍ୱର, ୨୦ ।୭(ପି.ଏନ): ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବଢ଼ିବାରେ ଲାଗିଛି । ବର୍ତ୍ତମାନ ପ୍ରତିସେକେଣ୍ଡ ରେ ୧ ଲକ୍ଷ ୩୨ ହଜାର ୫୬୫ କ୍ୟୁସେକ ଜଳ ପ୍ରବେଶ କରୁଛି ।ଏ ନେଇ ଆଗାମୀ ଦିନରେ ବନ୍ୟା ଜଳ ନିଷ୍କାସନ କରାଯିବା ପାଇଁ ଆଜି ନିଷ୍ପତ୍ତି ନିଆଯିବ ବୋଲି ଡ୍ୟାମର ମୁଖ୍ୟ ଯନ୍ତ୍ରୀ ଆନନ୍ଦ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି ।

## କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ଅଷ୍ଟ୍ରେଲିଆର ଦକ୍ଷତା ଓ ପ୍ରଶିକ୍ଷଣ ମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୦ ।୭(ପି.ଏନ):କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ଅଷ୍ଟ୍ରେଲିଆର ଦକ୍ଷତା ଓ ପ୍ରଶିକ୍ଷଣ ମନ୍ତ୍ରୀ ବ୍ରେନଡେନ୍ ଓ' କୋନୋରଙ୍କୁ ନୂଆଦିଲ୍ଲୀ ଠାରେ ସାକ୍ଷାତ୍ କରିଛନ୍ତି । ଶିକ୍ଷା ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ଦୁଇ ଦେଶର ସହଭାଗିତାକୁ ଆହୁରି ସୁଦୃଢ଼ କରିବା ସହ ସମ୍ପ୍ରସାରଣ କରିବା ଦିଗରେ ଉଭୟ ଦେଶର ମନ୍ତ୍ରୀ ଆଲୋଚନା କରିଛନ୍ତି ।ଖଣିଜ ପଦାର୍ଥ ଭଳି ପ୍ରାକୃତିକ ସମ୍ପଦର ପରିଚାଳନା କରିଛି ଏବଂ ଲୋକଙ୍କ ଦକ୍ଷତା ବୃଦ୍ଧି କରିବାରେ ଅଷ୍ଟ୍ରେଲିଆର ଭୂମିକାକୁ ପ୍ରଶଂସା କରିଥିଲେ କେନ୍ଦ୍ରମନ୍ତ୍ରୀ । ସେ କହିଥିଲେ ଯେ ଦୁଇ ଦେଶ ଭାରତରେ ଏହା ଉପରେ ଗୁରୁତ୍ୱ ଦେବା ସହ ବର୍ତ୍ତମାନ ମୟରେ ଉଭା ହେଉଥିବା ନୂଆ ଚାକିରି ପାଇଁ ଯୁବକ ଯୁବତୀ ମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ଉପାୟ ଅନ୍ୱେଷଣ କରିବା ଉଚିତ୍ । ଏହାବ୍ୟତିତ ଖଣି ଖନନ, କୃଷି ପ୍ରଯୁକ୍ତିବିଦ୍ୟା, ଜଳ ପରିଚାଳନା, ଅକ୍ଷୟ ଉର୍ଜା, ଏଆଇ ରୋବୋଟିକ୍ସ ଭଳି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ମିଳିତ ପାଠ୍ୟକ୍ରମ ବିକଶିତ କରିବା ତଥା ଗ୍ରୀନ ହାଇଡ୍ରୋଜେନ୍ ପାଠ୍ୟକ୍ରମର ବିଷୟ ଗୁଡିକର ବିକଶିତ କରିବା ପାଇଁ ମିଳିତ ଉଦ୍ୟମ କରିବା ପାଇଁ ଉଭୟ ମନ୍ତ୍ରୀ ଆଲୋଚନା କରିଥିଲେ । ଶ୍ରୀ ପ୍ରଧାନ କହିଥିଲେ ଭାରତ ଓ ଅଷ୍ଟ୍ରେଲିଆ ସମ୍ପର୍କ ପାଇଁ ଏହା ଏକ ବିଶେଷ ମୁହୂର୍ତ୍ତ, ଯାହାର ଇତିହାସ ନୂଆ ଉଚ୍ଚତାକୁ ଯାଇଛି । ଅଷ୍ଟ୍ରେଲିଆର ଦକ୍ଷତା ଓ ପ୍ରଶିକ୍ଷଣ ମନ୍ତ୍ରୀ ଶିକ୍ଷାଗତ ଯୋଗ୍ୟତାର ପାରସ୍ପରିକ ସ୍ୱୀକୃତି, ମାଇଗ୍ରେସନ ଓ ମୋବିଲିଟି ପାର୍ଟନରସିପ୍ ବ୍ୟବସ୍ଥାର ସଫଳ ରୂପାୟନ ପାଇଁ ଭାରତ ଓ ଅଷ୍ଟ୍ରେଲିଆର ଦକ୍ଷତା କ୍ଷେତ୍ର ସହ ଜଡ଼ିତ ନିୟମକୁ ମିଳିତ ଭାବରେ କାର୍ଯ୍ୟ କରିବା ଉପରେ ଆଲୋଚନା କରିଛନ୍ତି । ଉଭୟ ଦେଶରେ ଧନ୍ଦାମୂଳକ କୌଶଳର ମାନ୍ୟତା ପ୍ରଦାନକୁ ତ୍ୱରାନ୍ୱିତ କରିବା, ଡୁଆଲ୍ ସାର୍ଟିଫିକେସନ ପ୍ରଦାନ କରିବା,ଭର୍ଚ୍ଚୁଆଲ ଏବଂ ଫିଜିକାଲ କାର୍ଯ୍ୟକ୍ରମର ଆଦାନପ୍ରଦାନ ସହ ଆପ୍ରେଣ୍ଟସିପ୍ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଉପର ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ଏହି ଅବସରରେ ଶ୍ରୀ ପ୍ରଧାନ ଭାରତର ଦକ୍ଷତା ବିକାଶରେ କ୍ଷମତାକୁ ବୃଦ୍ଧି କରିବା ଦିଗରେ ଅଷ୍ଟ୍ରେଲିଆର ଭେଟ୍ ଟ୍ରେନିଂ ପାର୍ଟନରଙ୍କୁ ସ୍ୱାଗତ କରିଥିଲେ ।କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଅଷ୍ଟ୍ରେଲିଆ ମନ୍ତ୍ରୀଙ୍କୁ ଚଳିତବର୍ଷ ସେପଟେମ୍ବରରେ ଗୁଜୁରାଟର ଗାନ୍ଧୀନଗରରେ ଅନୁଷ୍ଠିତ ହେବାକୁ ଥିବା ସପ୍ତମ ଅଷ୍ଟ୍ରେଲିଆ-ଭାରତ ଶିକ୍ଷା ଏବଂ ଦକ୍ଷତା ପରିଷଦ(ଏଆଇଇଏସସି) ବୈଠକରେ ଯୋଗଦେବା ପାଇଁ ନିମନ୍ତ୍ରଣ କରିଛନ୍ତି । ଏହି ବୈଠକ ଉଭୟ ଦେଶର ଶିକ୍ଷା, ଦକ୍ଷତା ବିକାଶ କ୍ଷେତ୍ରରେ ସହଭାଗିତାକୁ ସୁଦୃଢ଼ ପ୍ରଦାନ କରିବା ପାଇଁ ଅଧିକ ସୁଯୋଗ ପ୍ରଦାନ କରିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ।ଅଷ୍ଟ୍ରେଲିଆ ମନ୍ତ୍ରୀ କହିଥିଲେ ଯେ ଷ୍ଟୁଡେଂଟ ମୋବିଲିଟିକୁ ପୁନରୁଦ୍ଧାର କରିବା ତାଙ୍କ ଦେଶର ପ୍ରାଥମିକତାରେ ରହିଛି । ଭିସା ପ୍ରକ୍ରିୟାକୁ ସରଳୀକରଣ କରିବା ଉପରେ କାର୍ଯ୍ୟ କରାଯିବା ଉପରେ ସେ ମତପ୍ରକାଶ କରିଥିଲେ ।

## ବଙ୍ଗୋପସାଗରରେ ଲଘୁଚାପ: ହେଡକ୍ୱାର୍ଟର ଛାଡିବେନି ଅରେଞ୍ଜ ଓ ୟେଲୋ ୱାର୍ଣ୍ଣିଂ ଜିଲ୍ଲାର ଅଧିକାରୀ

ନୂଆଦିଲ୍ଲୀ, ୨୦ ।୭(ପି.ଏନ): ଓଡିଶା ଉପକୂଳରେ ବଙ୍ଗୋପସାଗରର ଉତ୍ତର-ପଶ୍ଚିମ ଦିଗରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ଆଲର୍ଟ କରାଯିବା ସହ ଅରେଞ୍ଜ ଓ ୟେଲୋ ୱାର୍ଣ୍ଣିଂ ସୂଚିତ ୨୫ଟି ଜିଲ୍ଲାର କ୍ଷେତ୍ର ସ୍ତରର ଅଧିକାରୀମାନଙ୍କୁ ହେଡକ୍ୱାର୍ଟର ନଛାଡିବାକୁ ତାଗିଦ୍ କରାଯାଇଛି । ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ସତ୍ୟବ୍ରତ ସାହୁ ଆଜି ପ୍ରଥମେ ୩ଟି ଜିଲ୍ଲା ଓ ପରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ଲଘୁଚାପଜନିତ ସମ୍ଭାବ୍ୟ ଲଗାଣ ବର୍ଷା ନେଇ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି । ବିଭିନ୍ନ ବିଭାଗ ଓ ଏନଡିଆରଏଫ, ଓଡ୍ରାଫ, ଅଗ୍ନିଶମ ବାହିନୀ , ପୁଲିସକୁ ମଧ୍ୟ ସତର୍କ ରହିବାକୁ କହିଛନ୍ତି ।ଭାରତୀୟ ପାଣିପାଗ ବିଭାଗର ସ୍ୱ ?ଶାଳ ବୁଲେଟିନ୍ ଅନୁସାରେ ବଙ୍ଗୋପସାଗରର ଉତ୍ତର ପଶ୍ଚିମ ଦିଗରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହି ଲଘୁଚାପ କ୍ଷେତ୍ର ଆସନ୍ତା ଦୁଇଦିନ ପର୍ଯ୍ୟ ପଶ୍ଚିମ ଉତ୍ତର-ପଶ୍ଚିମ ଦିଗରେ ଓଡିଶା ମଧ୍ୟ ଦେଇ ଗତି କରିବାର ସମ୍ଭାବନା ଅଛି । ସେହିପରି ୨୪ତାରିଖ ବେଳକୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି ।ପାଣିପାଗ ବିଭାଗର ସୂଚନା ଆଧାରରେ ୨୧ରୁ ୨୫ତାରିଖ ପର୍ଯ୍ୟନ୍ତ ୧୪ ଜିଲ୍ଲାରେ ୟେଲୋ ୱାର୍ଣ୍ଣିଂ ଓ ୧୧ଟି ଜିଲ୍ଲାରେ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ଅରେଞ୍ଜ ୱାର୍ଣ୍ଣିଂ ଜିଲ୍ଲାଗୁଡିକରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାବେଳେ ୟେଲୋ ୱାର୍ଣ୍ଣିଂ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି । ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲାଗୁଡିକ ହେଲା- ଗଜପତି, ରାୟଗଡା, ଖୋର୍ଦ୍ଧା, ସୋନପୁର, ବୌଦ୍ଧ, ଜଗତସିଂହପୁର, କଟକ, ଢେଙ୍କାନାଳ, ଅନୁଗୁଳ, ସମ୍ବଲପୁର, ବରଗଡ, ପୁରୀ ,ଭଦ୍ରକ ଓ ବାଲେଶ୍ୱର । ଏସବୁ ଜିଲ୍ଲାରେ ୨୧ରୁ ୨୫ତାରିଖ ପର୍ଯ୍ୟନ୍ତ ୟେଲୋ ୱାର୍ଣ୍ଣିଂ ଜାରି ରହିବ । ସେହିପରି ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲାଗୁଡିକ ହେଲା ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ନୟାଗଡ, ବଲାଙ୍ଗିର, ନୂଆପଡା, ଝାରସୁଗୁଡା ଓ ଦେବଗଡ । ଏସବୁ ଜିଲ୍ଲାରେ ୨୧ରୁ ୨୩ତାରିଖ ପର୍ଯ୍ୟନ୍ତ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି ।

## କେନ୍ଦୁଝରରେ ବିଷାକ୍ତ ମଦ ନେଉଛି ଜୀବନ : କୋଡିଏରୁ ଉର୍ଦ୍ଧଙ୍କର ଗଲାଣି ଜୀବନ

କେନ୍ଦୁଝର ,୨୦ ।୭(ପି.ଏନ): କେନ୍ଦୁଝର ରେ ବିଷାକ୍ତ ମଦ ନେବାରେ ଲାଗିଛି ଲୋକଙ୍କର ଜୀବନ । ଇତି ମଧ୍ୟରେ ବିଷାକ୍ତ ମଦ୍ୟପାନ କରି ୨୦ରୁ ଉର୍ଦ୍ଧ ପୁରୁଷ ଓ ମହିଳା ଙ୍କର ଜୀବନ ଗଲାଣି । ରାଜସ୍ୱ ପାଇବା ଲୋଭରେ ସରକାର ଗାଁ ଗାଁରେ ମଦ ଦୋକାନ ଖୋଲି ଦେଇଛନ୍ତି । ଫଳରେ ଏହି ମଦ ଭାଟି ଲୋକଙ୍କ ପାଇଁ ଅଭିଶାପ ପାଲଟିଅଛି ଏବଂ ଅପମୃତ୍ୟୁ ସଂଖ୍ୟା ବଢିବାରେ ଲାଗିଛି । କମ୍ ବୟସ ଠାରୁ ବୃଦ୍ଧ ବୃଦ୍ଧା ଆଦି ବିଭିନ୍ନ ବର୍ଗର ଲୋକଙ୍କୁ ଘାରିଛି ଅଳ୍ପ ପାଇସାରେ ଦେଶୀ ମଦ ନିଶାର ଲୋଭ । ସେହି ମଦ ପିଇ ଅକାଳରେ ପରିବାର ଲୋକ ମୃତ୍ୟୁ ବରଣ କରୁଥିବା ବେଳେ ଛାର ଖାର ହୋଇ ଯାଉଛି ପରିବାର ।କେନ୍ଦୁଝର ରେ ଏଭଳି ଏକ ଗାଁ ଅଛି ଯେଉଁ ଗାଁ ରେ ଦେଖିବାକୁ ମିଳିଛି ଏହି ଶସ୍ତା ମହୁଲି ମଦ ର କରୁଣ ବିଭିଷୀକା । କେନ୍ଦୁଝର ସଦର ବ୍ଲକର ଶଙ୍କରପୁର ଗାଁ । ଏହି ଗାଁର ମୁଣ୍ଡା ସାହୀ ମଝିରେ ରହିଛି ଏକ ଦେଶୀ ମହୁଲି ମଦ ଭାଟି । ଏହି ଦେଶୀ ମଦ ଭାଟିଟି ଗାଁର ଗୋଟିଏ ପରେ ଗୋଟିଏ ଜୀବନ ନେଇ ଚାଲିଛି । ଜଣେ ନୁହେଁ କି ଦୁଇ ଜଣ ନୁହଁ ଶଙ୍କରପୁର ମୁଣ୍ଡା ସାହୀରେ ପ୍ରାୟ ୨୦ ରୁ ଉର୍ଦ୍ଧ ପୁରୁଷ ମହିଳା ଙ୍କ ଅକାଳ ମୃତ୍ୟର କାରଣ ହୋଇଛି ଗାଁର ଏହି ଦେଶୀ ମହୁଲି ମଦ ଭାଟି ବୋଲି ଅଭିଯୋଗ କରିଛନ୍ତି ଗାଁର ଲୋକମାନେ । ଭାତ ହାଣ୍ଡିରୁ ଗୋଟିଏ ଚିପିବା ଭଳି ସ୍ୱରୂପ ମୁଣ୍ଡାଙ୍କ କଥାକୁ ବିଚାରକୁ ନିଆଯାଉ । ପୂଜାଙ୍କ କହିବାନୁସାରେ ତାଙ୍କ ସ୍ୱାମୀଙ୍କ ବୟସ ମାତ୍ର ୨୫ ବର୍ଷ । କିନ୍ତୁ ତିନିବର୍ଷ ତଳୁ ସେ ବିଧବା ହୋଇ ସାରିଲେଣି । ଅର୍ଥାତ ତିନିବର୍ଷ ତଳୁ ତାଙ୍କ ସ୍ୱାମୀ ରମିନ ମୁଣ୍ଡା ଙ୍କର ଅକାଳ ମୃତ୍ୟୁ ହୋଇଥିଲା । ସବୁଠାରୁ ବଡ କଥା ହେଉଛି ସ୍ୱାମୀ ଥିବା ବେଳେ ସେ କାମଧନ୍ଦା କରି ପରିବାର ଚଳାଉଥିଲେ । କିନ୍ତୁ ଏବେ ବିଧବା ପୂଜା ନିଜ କଥା ବୁଝିବା ମୁସ୍କିଲ । ବିଧବା ଭତା କିମ୍ବା କୌଣସି ସରକାରୀ ନଥିବାରୁ ବିଲ ବାଡିରେ କାମ କରି ଚଳୁଛନ୍ତି ପୂଜା । କୌଣସି ଦିନ କାମ ନପାଇଲେ ଭୋକ ଉପବାସରେ ରହିବାକୁ ବାଧ ହେଉଛନ୍ତି ।

## ରାଜ୍ୟରେ ବଳ ଜୁଟାଉଛି କଂଗ୍ରେସ: ଅଣବିଜେପି ଓ ଅଣବିଜେଡି ଦଳକୁ ନେଇ କଲା ବୈଠକ

ନୂଆଦିଲ୍ଲୀ, ୨୦ ।୭(ପି.ଏନ): କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ସରକାର ଓ ରାଜ୍ୟରେ ବିଜେଡି ନେତୃତ୍ୱାଧୀନ ସରକାରକୁ ଗାଦିଚ୍ୟୁତ କରିବା ସହ ଆଗାମୀ ସାଧାରଣ ନିର୍ବାଚନରେ ଏକଜୁଟ ହୋଇ ଲଢ଼ିବା ଉଦ୍ଦେଶ୍ୟରେ ଓଡିଶା ପ୍ରଦେଶ କଂଗ୍ରେସ ପଦକ୍ଷେପ ନେଇଛି । ଆଜି ଅଣବିଜେପି ଓ ଅଣବିଜେଡି ଦଳଗୁଡିକର ଏକ ବୈଠକ ଡକାଇ କଂଗ୍ରେସ ରାଜ୍ୟରେ ଆଗାମୀ ସାଧାରଣ ନିର୍ବାଚନ ବୈତରଣୀ ପାର ହେବା ନିମନ୍ତେ ପ୍ରାରମ୍ଭିକ ବିଚାରବିମର୍ଶ କରିଛି । ସମାଜବାଦୀ ପାର୍ଟି ଓ ବାମଦଳଗୁଡିକ ସମେତ ମୋଟ ୯ଟି ରାଜନୀତିକ ଦଳର ନେତୃବୃନ୍ଦ ଆଜି ଏହି ବୈଠକରେ ସାମିଲ ହୋଇଥିଲେ । ଆସନ୍ତା ଅଗଷ୍ଟ ମାସରେ ପୁଣିଥରେ ବୈଠକ ବସି ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ ଓ ଜନ ଆନ୍ଦୋଳନ ଜାଗରଣ ପାଇଁ ନିଷ୍ପତ୍ତି ନିଆଯାଇଛି ।ବୈଠକ ସମ୍ପର୍କରେ ପ୍ରତିକ୍ରିୟା ରଖି ପିସିସି ସଭାପତି ଶରତ



ପଟ୍ଟନାୟକ କହିଛନ୍ତି ଯେ, ଉଭୟ କେନ୍ଦ୍ରର ବିଜେପି ଓ ରାଜ୍ୟର ବିଜେଡି ସରକାରର ଜନମାରଣ ନୀତି ବିରୁଦ୍ଧରେ ସବୁ ଅଣବିଜେପି ଓ ଅଣବିଜେଡି ଦଳଗୁଡିକୁ ଏକଜୁଟ କରିବାକୁ ପ୍ରୟାସ କରାଯାଉଛି । ଏନେଇ ଆଜି ପ୍ରାଥମିକ ବୈଠକ ବସି ମିଳିତ ଭାବେ ବିଜେପି ଓ ବିଜେଡି ବିରୁଦ୍ଧରେ ଲଢ଼େଇ କରିବାକୁ ସହମତି ହୋଇଛି । ଆଜି ଯେଉଁ କିଛି ଦଳ ଅନୁପସ୍ଥିତ ଥିଲେ ସେମାନଙ୍କୁ ମଧ୍ୟ ଆଗାମୀ ବୈଠକରେ ସାମିଲ କରିବାକୁ ପ୍ରୟାସ କରାଯିବ । ବିଜେଡି ଓ ବିଜେପି ଦୁଇଭାଇ । ଉଭୟ ମିଶିକି ଅଛନ୍ତି । ମିଛ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ଏହି ଦୁଇ ଦଳ ଓଡିଶାକୁ ତଳିତଳାନ୍ତ କରିଛନ୍ତି, ସେମାନଙ୍କୁ ଗାଦିଚ୍ୟୁତ କରିବାକୁ ମିଳିତ ଭାବେ ଲଢ଼େଇ କରାଯିବ । ସେହିପରି ସିପିଏମ୍ ନେତା ଜନାର୍ଦ୍ଦନ ପତି କହିଛନ୍ତି ଯେ, ରାଜନୀତିକ ଦୃଷ୍ଟିରୁ ଓଡିଶାରେ ବିଜେପି ଓ ବିଜେଡିକୁ ପରାସ୍ତ କରିବା ହେଉଛି ଆମ ସମସ୍ତଙ୍କ ପ୍ରଥମ ଦାୟିତ୍ୱ । ଉଭୟ ଦଳର ସରକାରର ନୀତିକୁ ପରାସ୍ତ କରିବା ସହ ବିଜେଡି ଓ ବିଜେପି ବିରୁଦ୍ଧରେ ଏକଜୁଟ ହେବାକୁ ରାଜ୍ୟବାସୀଙ୍କୁ ନିବେଦନ କରୁଛି । ଆଜି ଯେଉଁ ଦଳଗୁଡିକ ବୈଠକରେ ସାମିଲ ହୋଇଛନ୍ତି ସେମାନେ ଅନ୍ୟ ବିରୋଧୀ ଦଳଗୁଡିକୁ ଏକଜୁଟ କରି ଅଗଷ୍ଟ ପ୍ରଥମ ସପ୍ତାହରେ ଆଉ ଏକ ବୈଠକ କରାଯିବ ବୋଲି ସେ କହିଛନ୍ତି ।

## କେନ୍ଦୁଝରରେ ବିଷାକ୍ତ ମଦ ନେଉଛି ଜୀବନ : କୋଡିଏରୁ ଉର୍ଦ୍ଧଙ୍କର ଗଲାଣି ଜୀବନ

କେନ୍ଦୁଝର ,୨୦ ।୭(ପି.ଏନ): କେନ୍ଦୁଝର ରେ ବିଷାକ୍ତ ମଦ ନେବାରେ ଲାଗିଛି ଲୋକଙ୍କର ଜୀବନ । ଇତି ମଧ୍ୟରେ ବିଷାକ୍ତ ମଦ୍ୟପାନ କରି ୨୦ରୁ ଉର୍ଦ୍ଧ ପୁରୁଷ ଓ ମହିଳା ଙ୍କର ଜୀବନ ଗଲାଣି । ରାଜସ୍ୱ ପାଇବା ଲୋଭରେ ସରକାର ଗାଁ ଗାଁରେ ମଦ ଦୋକାନ ଖୋଲି ଦେଇଛନ୍ତି । ଫଳରେ ଏହି ମଦ ଭାଟି ଲୋକଙ୍କ ପାଇଁ ଅଭିଶାପ ପାଲଟିଅଛି ଏବଂ ଅପମୃତ୍ୟୁ ସଂଖ୍ୟା ବଢିବାରେ ଲାଗିଛି । କମ୍ ବୟସ ଠାରୁ ବୃଦ୍ଧ ବୃଦ୍ଧା ଆଦି ବିଭିନ୍ନ ବର୍ଗର ଲୋକଙ୍କୁ ଘାରିଛି ଅଳ୍ପ ପାଇସାରେ ଦେଶୀ ମଦ ନିଶାର ଲୋଭ । ସେହି ମଦ ପିଇ ଅକାଳରେ ପରିବାର ଲୋକ ମୃତ୍ୟୁ ବରଣ କରୁଥିବା ବେଳେ ଛାର ଖାର ହୋଇ ଯାଉଛି ପରିବାର ।କେନ୍ଦୁଝର ରେ ଏଭଳି ଏକ ଗାଁ ଅଛି ଯେଉଁ ଗାଁ ରେ ଦେଖିବାକୁ ମିଳିଛି ଏହି ଶସ୍ତା ମହୁଲି ମଦ ର କରୁଣ ବିଭିଷୀକା । କେନ୍ଦୁଝର ସଦର ବ୍ଲକର ଶଙ୍କରପୁର ଗାଁ । ଏହି ଗାଁର ମୁଣ୍ଡା ସାହୀ ମଝିରେ ରହିଛି ଏକ ଦେଶୀ ମହୁଲି ମଦ ଭାଟି । ଏହି ଦେଶୀ ମଦ ଭାଟିଟି ଗାଁର ଗୋଟିଏ ପରେ ଗୋଟିଏ ଜୀବନ ନେଇ ଚାଲିଛି । ଜଣେ ନୁହେଁ କି ଦୁଇ ଜଣ ନୁହଁ ଶଙ୍କରପୁର ମୁଣ୍ଡା ସାହୀରେ ପ୍ରାୟ ୨୦ ରୁ ଉର୍ଦ୍ଧ ପୁରୁଷ ମହିଳା ଙ୍କ ଅକାଳ ମୃତ୍ୟର କାରଣ ହୋଇଛି ଗାଁର ଏହି ଦେଶୀ ମହୁଲି ମଦ ଭାଟି ବୋଲି ଅଭିଯୋଗ କରିଛନ୍ତି ଗାଁର ଲୋକମାନେ । ଭାତ ହାଣ୍ଡିରୁ ଗୋଟିଏ ଚିପିବା ଭଳି ସ୍ୱରୂପ ମୁଣ୍ଡାଙ୍କ କଥାକୁ ବିଚାରକୁ ନିଆଯାଉ । ପୂଜାଙ୍କ କହିବାନୁସାରେ ତାଙ୍କ ସ୍ୱାମୀଙ୍କ ବୟସ ମାତ୍ର ୨୫ ବର୍ଷ । କିନ୍ତୁ ତିନିବର୍ଷ ତଳୁ ସେ ବିଧବା ହୋଇ ସାରିଲେଣି । ଅର୍ଥାତ ତିନିବର୍ଷ ତଳୁ ତାଙ୍କ ସ୍ୱାମୀ ରମିନ ମୁଣ୍ଡା ଙ୍କର ଅକାଳ ମୃତ୍ୟୁ ହୋଇଥିଲା । ସବୁଠାରୁ ବଡ କଥା ହେଉଛି ସ୍ୱାମୀ ଥିବା ବେଳେ ସେ କାମଧନ୍ଦା କରି ପରିବାର ଚଳାଉଥିଲେ । କିନ୍ତୁ ଏବେ ବିଧବା ପୂଜା ନିଜ କଥା ବୁଝିବା ମୁସ୍କିଲ । ବିଧବା ଭତା କିମ୍ବା କୌଣସି ସରକାରୀ ନଥିବାରୁ ବିଲ ବାଡିରେ କାମ କରି ଚଳୁଛନ୍ତି ପୂଜା । କୌଣସି ଦିନ କାମ ନପାଇଲେ ଭୋକ ଉପବାସରେ ରହିବାକୁ ବାଧ ହେଉଛନ୍ତି । ଅନୁରୁପ ଭାବେ ମୀନା ମହାନ୍ତଙ୍କ ସ୍ୱାମୀ ବିରେନ୍ଦ୍ର ମହାନ୍ତ ଗାଁର ସେହି ମଦ ଭାଟିରେ ମଦ ରାନ୍ଧିବା କାମ କରୁଥିଲେ । ଏବଂ ଦିନ ରାତି ସବୁବେଳେ ନଖାଇ ନପିଇ ସେହି ଭାଟିରୁ ମଦ ପିଇ ରହୁଥିଲେ । ମଦ ମାଲିକ ମଧ୍ୟ ନିଶା ଅଧିକ କରିବା ପାଇଁ ପ୍ରସ୍ତୁତ କରୁଥିବା ମଦରେ ଅଧିକ ମଳିକା ଓ ନିଶା ବଟିକା ଭଳି ବିଷାକ୍ତ ଦ୍ରବ୍ୟ ମିଶାଇ ଥାଆନ୍ତି । ଫଳରେ ସେହି ବିଷାକ୍ତ ମଦ ପାନକରି ଲୋକେ ମରୁଛନ୍ତି । ଏଭଳି ଏହି ଗାଁରେ ମଦ ମୃତ୍ୟୁର ରହିଛି ଅନେକ ଦୁଃଖଦ କାହାଣୀ । ଅନ୍ୟ ମାନଙ୍କ ମଧ୍ୟରେ ଏହି ମଦ ମୃତ୍ୟୁ କାହାଣୀ ରେ ଯୋଡି ହୋଇ ଯାଇଛି ମାନା ମହାନ୍ତ , ଟିକ ମହାନ୍ତ ଆଦି ଭଳି ଅନେକ ନାମ । ଜିଲ୍ଲା ଅବକାରୀ ବିଭାଗ ଅଧକ୍ଷ ନାରାୟଣ ମେହେର ଙ୍କ କହିବା କଥା ହେଉଛି ଯେ ଶଙ୍କରପୁର ମୁଣ୍ଡା ସାହୀରେ ଥିବା ମଦ ଭାଟିରେ ପ୍ରସ୍ତୁତ ମଦ ଶଙ୍କରୀ , ଗୋବର୍ଦ୍ଧନ, ସଦରପଡା ଅଚଂଳର ଦୋକାନରେ ବିକ୍ରୀ କରିବାର ଅନୁମତି ରହିଛି । ବିଶେଷ ଭାବେ ଦେଶୀ ପଦ୍ଧତିରେ ଏଠାରେ ମହୁଲି ମଦ ପ୍ରସ୍ତୁତ ହୋଇଥାଏ । ଏହି ଭାଟି ଓ ଦୋକାନର ମାସିକ ଲାଇସେନ୍ସ ଫି ୩ ଲକ୍ଷ ୨୯ ହଜାର ୫୦୦ ଟଙ୍କା । ମଦରେ ବିଷାକ୍ତ ଦ୍ରବ୍ୟ ମିଶୁଥିବା ସଂପର୍କରେ ତାଙ୍କ ପାଖରେ ଖବର ନାହିଁ । ଅଭିଯୋଗ ଆସିଲେ ତଦନ୍ତ ହେଇ ପଦ କ୍ଷେପ ନିଆଯିବ ।

## ବିଏମସିର ବଡ ନିଷ୍ପତ୍ତି: ଏଣିକି ପାର୍କିଂ ପାଇଁ ସ୍ଥାନ ଛାଡିନଥିଲେ ବିଲଡିଂ ପ୍ଲାନକୁ ମିଳିବନି ଅନୁମତି

ଭୁବନେଶ୍ୱର, ୨୦ ।୭(ପି.ଏନ): ବିଲଡିଂ ପ୍ଲାନ ଅନୁମୋଦନ ନେଇ ଆସିଛି ଏକ ବଡ ଖବର । ପାର୍କିଂ ପାଇଁ ସ୍ଥାନ ନଥିଲେ ଏଣିକି ବିଲଡିଂ ପ୍ଲାନକୁ ମଞ୍ଜୁରୀ ମିଳିବ ନାହିଁ । ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ଏଭଳି କଡା ନିଷ୍ପତ୍ତି ନିଆଯାଇଛି । ଯେଉଁମାନେ ଘର ପ୍ଲାନିଂ ନେଇଛନ୍ତି ଓ ପାର୍କିଂ ପାଇଁ ସ୍ଥାନ ଛାଡି ନାହାନ୍ତି ସେମାନଙ୍କ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଏମସି କମିଶନର ନିର୍ଦ୍ଦେଶ ଦେଇଛନ୍ତି ।ବିଏମସିର ନିଷ୍ପତ୍ତି ଅନୁଯାୟୀ, ଯେଉଁମାନେ ପାର୍କିଂ ପାଇଁ ଆବଶ୍ୟକ ସ୍ଥାନ ଛାଡି ନାହାନ୍ତି, ନିୟମ ଅନୁସାରେ ସ୍ଥାନ ଛାଡି ନାହାନ୍ତି, ବିଏମସିର ସୀମା ଭିତରେ ଥିବା କୌଣସି ଘର ବା ଅନୁଷ୍ଠାନ ଅନୁମୋଦିତ ଯୋଜନାକୁ ଉଲ୍ଲଂଘନ କରି ନିର୍ମାଣ କରିଛନ୍ତି ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ବିଏମସି କମିଶନରଙ୍କ ଅଧକ୍ଷତାରେ ବସିଥିବା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବା ବେଳେ ପ୍ରତ୍ୟେକ ୱାର୍ଡକୁ ଅଚାନକ ଭାବେ ଗସ୍ତ କରିବାକୁ କୁହାଯାଇଛି ।ଓଡିଶା ବିକାଶ କର୍ତ୍ତୃପକ୍ଷ (ପ୍ଲାନିଂ ଓ ବିଲଡିଂ ଷ୍ଟାଣ୍ଡାର୍ଡସ) ନର୍ମ ୨୦୨୦ ଆଧାରରେ ୩୦୦ ବର୍ଗ ମିଟର ପ୍ଲଟ ଏରିଆ ବିଶିଷ୍ଟ ଘରେ ଜଳ ଅମଳ ପ୍ରକଳ୍ପ ବାଧ୍ୟତାମୂଳକ କରାଯାଇଛି । ଯେଉଁଠାରେ ୨୦ ବର୍ଗମିଟର ବା ତା'ଠାରୁ ଅଧିକ ଅଞ୍ଚଳରେ ନିର୍ମାଣ ପାଇଁ ପ୍ଲାନ ମଞ୍ଜୁରୀ ମିଳିଥିବ, ନିୟମ ଅନୁସାରେ ସେହି ସ୍ଥାନରେ ନିଜସ୍ୱ ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ରହିବା ଆବଶ୍ୟକ । ଏହା ବିଜ୍ଞାନ ସମ୍ମତ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ, ପରିବେଶ ସୁରକ୍ଷା ଦୃଷ୍ଟିରୁ ସଠିକ୍ ଭାବେ କରାଯାଇଛି କି ନା ସେନେଇ ଯାଞ୍ଚ କରାଯିବ । ଏଥିସହିତ ନିୟମକୁ କାର୍ଯ୍ୟକାରୀ କରିବାକୁ ଉଲ୍ଲଂଘନକାରୀଙ୍କୁ ନିର୍ଦ୍ଦିଷ୍ଟ ସମୟ ଦିଆଯିବ । ଘରଟି ଯେଉଁ ଉଦ୍ଦେଶ୍ୟରେ ନିର୍ମାଣ ହୋଇଛି, ତାହା ଅନ୍ୟ କାମରେ ବ୍ୟବହୃତ ହୋଇଥିବା ନଜରକୁ ଆସିଲେ ଗୃହ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।








# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଉଁଭଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।




ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହୁଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜୈନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ୍ୟ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହୋଇଥାନ୍ତି ହ୍ରିତିକ।

## ପୁରାଣ କାହାଣୀ

# ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତୃଘ୍ନ ଶୃତକୀରତିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଭ୍‌କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା। ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି। ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି। ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି। ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି। ଆନ୍ଧ୍ର ନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି। ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ। କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି। ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି। କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି। ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି। ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ। ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି। ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ। ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଲାନ୍ତ ଅନୁଭବ କରି ନାହାନ୍ତି।

## ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି। ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ। ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି। ଏହାର ବୀଜକୁ ଔଷଧ ରୂପେ ରଖାଯାଏ। ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକ୍ଁଣି ଲୋପ ପାଇଯାଇଥାଏ। ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବାନ୍ଧି ଦୂର ହୋଇଯାଇ ଥାଏ। ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ। ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ। ଦୁଦୁରା ଫଳର ଚୁର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।


**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ। ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରୁସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି। ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରୁସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ। କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରୁସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ। ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିଷ୍ଯୁଟି ଫାଟିଯାଇଥିଲା। ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପ୍ରଚର କରାଯିବ। ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ। ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ।

## 'କଫି'ର ଚିତ୍ରକର ଅମିତା

ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।






## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ। ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ। ଏହା ମାଟିକୁ ଉର୍ବର କରେ।
-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ। ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ଜୁଲାଇ ୨୧

# ଜଙ୍ଗଲ ଧ୍ୱଂସକୁ ରୋକାଯାଉ ପ୍ରତିକାର କରାନଗଲେ ଦୁର୍ଭିକ୍ଷ ସୁନିଶ୍ଚିତ



ଆଶୁତୋଷ ଦାଶ

ଦେଶର ସମସ୍ତ ରାଜ୍ୟର ନଦୀଜଳ ପ୍ରବାହ ଅଣମୌସୁମୀ ଋତୁରେ ୯୦% ହ୍ରାସ ପାଇଛି। ଗଙ୍ଗା ଆଦିର ସ୍ରୋତ ୮୦% ହ୍ରାସ ହୋଇଯାଇଛି। ପ୍ରାୟ ସମସ୍ତ ନଦୀଘାଟରେ ଏଥିପାଇଁ ନୌକା ଚାଲୁନାହିଁ। ନଦୀକୂଳ ମାନଙ୍କରେ ଲକ୍ଷ ଲକ୍ଷ ମତ୍ସ୍ୟଜୀବୀ ଜୀବିକା ହରାଇଛନ୍ତି। କେବଳ ସେତିକି ନୁହେଁ, ଓଡ଼ିଶା, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ଦେଇ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନ ନେଲେ ଭାରତରେ ଜଳ ଓ ଖାଦ୍ୟାଭାବଜନିତ ଦୁର୍ଭିକ୍ଷ ସୁନିଶ୍ଚିତ।

ହିମାଳୟ ପର୍ବତ ଉପରକୁ ପାଇନ ଗଛ ଧ୍ୱଂସ ପାଉଛି। ଏଣୁ ଶୀଘ୍ର ବରଫ ତରଳି ଯାଉଥିବାରୁ ଗଙ୍ଗାନଦୀ ଜଳ ପ୍ରବାହ ହ୍ରାସ ପାଇଛି। ଏହା ବ୍ୟତୀତ ଆମ ରାଜ୍ୟ ସମେତ ଅନ୍ୟାନ୍ୟ ରାଜ୍ୟରେ ଜଙ୍ଗଲ ଧ୍ୱଂସ କାରଣରୁ ଓ ଉଚ୍ଚ ଅଟ୍ଟାଳିକା ଦ୍ୱାରା ଭୂତଳ ଜଳ ବ୍ୟବହାର ବୃଦ୍ଧି ତଥା ପୋଖରୀକୁ ପୋତାଯାଇ ଘର ନିର୍ମାଣ ଯୋଗୁଁ ଭୂତଳ ଜଳ ସ୍ତର ହ୍ରାସ ପାଇଛି। ଓଡ଼ିଶାରେ ଗଭୀର ନଳକୂପ ଦ୍ୱାରା ଉଠାଜଳ ସେଚନ ଯୋଗୁଁ ଭୂତଳ ଜଳ ସ୍ତର ସାଂଘାତିକ ଭାବେ ତଳକୁ ଚାଲିଗଲାଣି। ଏଥିପାଇଁ ଉପକୂଳ ଜିଲ୍ଲାମାନଙ୍କର ଲୁଣିଜଳ ଉପରକୁ ଉଠିଆସିଛି। ପୁରୀ ବଳିଆପଣ୍ଡା ଏହାର ଉଦାହରଣ। ସେପଟେ ସରକାର ୨୦୨୪ ସୁଦ୍ଧା ସମସ୍ତ ଗ୍ରାମକୁ ପାଇପ ଜଳ ଯୋଗାଣ ପାଇଁ ଯୋଜନା ଆରମ୍ଭ କରିଛନ୍ତି। ନଦୀଜଳ ଭଣ୍ଡାରଗୁଡ଼ିକରେ ଆବଶ୍ୟକତା ଅନୁସାରେ ପାଣି ରହିବ ନାହିଁ। ଏଣୁ ସରକାର ସମସ୍ତ ଗ୍ରାମକୁ ଜଳ ଯୋଗାଇ ପାରିବେ ତ ?

କାଠ ବ୍ୟବହାର କମାଇବା ଠାରୁ ଆରମ୍ଭ କରି ନିୟମ ଭଙ୍ଗକାରୀଙ୍କୁ କଠୋର ଅର୍ଥଦଣ୍ଡ ଦିଆଯିବା ଦରକାର। ସେହିଭଳି ପର୍ବତନ ଉପରେ ସଫଳ ବୃକ୍ଷ ରୋପଣ ନିମନ୍ତେ ଜାପାନ ପଦ୍ଧତିରେ ଉଡାଜାହାଜ ଜରିଆରେ ମଞ୍ଜି ନିକ୍ଷେପଣ, ସ୍କୁଲ କଲେଜ ଶିକ୍ଷାରେ ବୃକ୍ଷରୋପଣ ଓ ପରିବେଶ ବିଷୟରେ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ ଆବଶ୍ୟକ। ସବୁ ନଦୀକୂଳରେ ୨୦୦/୩୦୦ ମିଟର ବ୍ୟବଧାନରେ ଛୋଟ ବ୍ୟାରେଜ ନିର୍ମାଣ କରାଯାଉ। ଏହା ବ୍ୟତୀତ କୂଳମାନଙ୍କରେ ଏନଆରଜିଏସ ଅର୍ଥ ରିଚାର୍ଜିଙ୍ଗ କୂପ ଖନନ, ଗ୍ରାମ ସହରରେ ଥିବା ସମସ୍ତ ପୋଖରୀ ଓ ଜଳାଶୟଗୁଡ଼ିକର ପୁନରୁଦ୍ଧାର କରାଯିବା ଏବଂ ଜଳଭଣ୍ଡାରରୁ ଶିଳ୍ପ ଜଳ ନେବା ନେଇ ନୀତି କରାଯିବା ଜରୁରୀ। କେବଳ ସରକାର ବା ପ୍ରଶାସନ ଉପରେ ଦାୟିତ୍ୱ ନ୍ୟସ୍ତ କରିଦେଲେ ଚଳିବ ନାହିଁ। ଆମ୍ଭମାନଙ୍କ ଭିତରେ ବ୍ୟାପକ ଭାବରେ ବୃକ୍ଷ ରୋପଣ କରିବା ଓ ଦୁଷ୍ପ୍ରାପ୍ୟ ବୃକ୍ଷଲତାର ସଂରକ୍ଷଣ ତଥା ସବୁଜ ପରିବେଶ ପାଇଁ ଅଙ୍ଗୀକାରବଦ୍ଧ ହୋଇ ଦାୟିତ୍ୱ ନିର୍ବାହ କରିବା ଏକାନ୍ତ ଜରୁରୀ।

*'କଳ୍ପନା', ସିଦ୍ଧଳ, କାଦୁଆପଡ଼ା, ଜଗତସିଂହପୁର,*
*ଦୂରଭାଷ : ୯୪୩୭୧୭୯୨୭୬*

# ସାରସ୍ୱତ ଜଗତର ଅମ୍ଳାନ ପ୍ରତିଭା ପ୍ରବୋଧ ରାଉତଙ୍କୁ ଶ୍ରଦ୍ଧାଞ୍ଜଳି

ଏହି ଜୁଲାଇ ୧୮ ତାରିଖ ସକାଳର କଥା। ମୁଁ ରହୁଥିବା ଝାଡ଼ଖଣ୍ଡର ସୋନରୀ ଅଞ୍ଚଳରେ ଲଗାଣ ବର୍ଷା ଜାରି ରହିଥାଏ। ଆମ ଓଡ଼ିଶା ଆଡ଼େ ମଧ୍ୟ ବିଶେଷକରି ମୋ ଜନ୍ମ ସ୍ଥାନ ଜଗତସିଂହପୁର ସମେତ ଉପକୂଳବର୍ତ୍ତୀ ଅଞ୍ଚଳରେ ବର୍ଷା ଜାରି ରହିଥାଏ। ଏହି ସମୟରେ ଭୁବନେଶ୍ୱରରୁ କିଛି ବନ୍ଧୁ ଓ ଗଣମାଧ୍ୟମରୁ ଖବର ପାଇଲି ଯେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଚିବ ତଥା ସାହିତ୍ୟିକ ପ୍ରବୋଧ କୁମାର ରାଉତଙ୍କ ପରଲୋକ ହୋଇଯାଇଛି। ସହଯେ ବିଶ୍ୱାସ ହେଲାନାହିଁ। ତାଙ୍କ କଥା ଭାବିଲା ବେଳକୁ ମାନସ ପଟ୍ଟରେ ଅନେକ ପୁରୁଣା କଥା ସବୁ ମନେପଡ଼ିଗଲା। ତାଙ୍କପରି ବନ୍ଧୁ ବତ୍ସଳ ଓ ଅମାୟିକ ଶାନ୍ତ, ସରଳ ସ୍ୱଭାବର ବ୍ୟକ୍ତିତ୍ୱଙ୍କର ଏପରି ଅକାଳ ପରଲୋକ ମୋତେ ଅନେକ କଷ୍ଟ ଦେଇଥିଲା। ୧୯୭୧ ମସିହାରେ ଜଗତସିଂହପୁର ଜିଲ୍ଲା କଟରା ପଞ୍ଚାୟତ ଗୋପାଳପୁର ଗ୍ରାମରେ ପ୍ରବୋଧ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପା ଧର୍ମାନନ୍ଦ ରାଉତ ଡାକ ବିଭାଗର ଅବସରପ୍ରାପ୍ତ କର୍ମଚାରୀ ଓ ମା ପ୍ରମିଳା ରାଉତ ଗୃହିଣୀ। ସେ ଅର୍ଥନୀତିରେ ସ୍ନାତକୋତ୍ତର ଡିଗ୍ରୀ ସହ ଆଇନରେ ସ୍ନାତକ, ସମବାୟ ପରିଚାଳନା ଓ ରପ୍ତାନୀ ପରିଚାଳନାରେ ଡିପ୍ଲୋମା ଡିଗ୍ରୀ ହାସଲ କରିଥିଲେ। ବାଲିଆ କଲେଜରେ ସ୍ୱଳ୍ପ ସମୟ ପାଇଁ ଅଧ୍ୟାପନା କରିବା ପରେ ସେ ଓଡ଼ିଶା ପ୍ରଶାସନିକ ସେବାରେ ଯୋଗ ଦେଇଥିଲେ। ଓଏଏସ ଅଧିକାରୀ ଭାବେ ସେ କୋରାପୁଟ, ଆସ୍କା, ଅନୁଗୁଳ, ଛେଣ୍ଡିପଦା, ଜଟଣୀ, କଟକ, ଭୁବନେଶ୍ୱରରେ ଦକ୍ଷତାର ସହ କାର୍ଯ୍ୟ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ବୃତ୍ତିରେ ସେ ପ୍ରଶାସନିକ ଅଧିକାରୀ ହୋଇଥିଲେ ବି ନିଶା ଥିଲା ତାଙ୍କର ସାରସ୍ୱତ ସାଧନା। ତାଙ୍କର କବିତା ଗ୍ରନ୍ଥ 'ଏକାବନ କବିତା', 'ମିନି କବିତା', 'ଭୁଲିପାରୁନି ବୋଲି', ଗୀତ ବହି 'ହୃଦୟ ସଂଗୀତ', ଗଳ୍ପ ବହି 'ଗପସପ', 'ଅଜନ୍ତା ଏଲୋରା ପରୀ', 'ହୃଦୟ ମାଗୁଥିବା ଝିଅ' ନାଟକ ବହି 'ନାଟ୍ୟଶାଳା', ଇଂରାଜୀ ନାଟକ 'ମିଷ୍ଟ୍ରି ଅଫ ଟ୍ରୋଙ୍କ ଟ୍ରଙ୍କ' ଆଦି ପାଠକୀୟ ସ୍ୱୀକୃତି ହାସଲ କରିଥିଲା। ଏହା ବ୍ୟତୀତ ଅନେକ ପତ୍ରପତ୍ରିକା ଓ ସମ୍ବାଦପତ୍ରରେ ତାଙ୍କର ନିୟମିତ ଲେଖା ପ୍ରକାଶ ପାଉଥିଲା।



ବାଦଲ ଭୂୟାଁ

ଉଲ୍ଲେଖନୀୟ ଯେ ସାରସ୍ୱତ ସାଧନା ପାଇଁ ପ୍ରବୋଧଙ୍କୁ କଟକ ଆକାଶବାଣୀ ସମେତ ବହୁ ସାରସ୍ୱତ ଅନୁଷ୍ଠାନ ଦ୍ୱାରା ସମ୍ମାନ ଓ ସମ୍ବର୍ଦ୍ଧିତ କରାଯାଇଛି।

ଗତ ପ୍ରାୟ ଦୁଇ ବର୍ଷ ହେଲା ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଚିବ ଦାୟିତ୍ୱରେ ଥିବା ଶ୍ରୀ ରାଉତ ପୂର୍ବରୁ ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରଶାସନିକ ଦାୟିତ୍ୱ ନିଷ୍ଠା ଓ ସଫଳତାର ସହ ତୁଲାଇ ପ୍ରଶଂସା ଅର୍ଜିଛନ୍ତି। ପ୍ରଥମେ ସେ କଟକ ଜିଲ୍ଲା କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ଦାୟିତ୍ୱରେ ଥିବାବେଳେ ପରବର୍ତ୍ତୀ କାଳରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ, ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟର ଅଫିସର, ନିଜାରତ ଏବଂ ଡପୁଟି କଲେକ୍ଟର ଭାବେ କାର୍ଯ୍ୟରତ ଥିଲେ। ଆରଏମସି ସମ୍ପାଦକ ଥିବାବେଳେ କଟକ ବିଡ଼ାନାସୀ ନିକଟରେ କୃଷକ ବଜାର ପ୍ରତିଷ୍ଠା କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା।

ପ୍ରଶାସନିକ କାର୍ଯ୍ୟ ବାଦ ଜଣେ ଧୂରୀଣ ଗାଳ୍ପିକ, ଶିକ୍ଷାବିତ, କବି, ଗୀତିକାର, ତଥା ନାଟ୍ୟକାର ଭାବେ ସେ ସୁନାମ ଅର୍ଜନ କରିଥିଲେ। କବିତା ଏକାବନ, ଗପସପ, ହୃଦୟ ସଙ୍ଗୀତ, ଭୁଲ ପାରୁନି ବୋଲି, ନାଟ୍ୟଶାଳା, ଏଲୋରା ଅଜନ୍ତା ପରି ଅଳ୍ପ ଅଶିଣ ପାପ, ହୃଦୟ ମାଗୁଥିବା ଝିଅ, ନଗ୍ନ ନିର୍ବାଣ ଆଦି ଗଳ୍ପ ଓ କବିତା ସଙ୍କଳନ ରଚନା କରି ସେ ଖ୍ୟାତି ଅର୍ଜନ କରିଛନ୍ତି। ୨୦୦୪ ମସିହାରେ ବିଶିଷ୍ଟ କବି ଜୟନ୍ତ ମହାପାତ୍ରଙ୍କ ଦ ଟ୍ରଙ୍କ ଅଫ ଲଡ୍; ଗଣେଶର ଓଡ଼ିଆ ନାଟ୍ୟରୂପ ଗଣେଶଙ୍କ ଶୁଣ୍ଢ ରଚନା କରି ସେ ମର୍ଯ୍ୟାଦାଜନକ ବେତାର ନାଟକ ପୁରସ୍କାର ପାଇଥିଲେ। ଏହା ବ୍ୟତୀତ ସେ ସବୁଜ ସାହିତ୍ୟ ରତ୍ନ ସମ୍ମାନ, ଫକୀରମୋହନ ସାହିତ୍ୟ ସମ୍ମାନ, ଆଦିକବି ସାରସ୍ୱତ ସମ୍ମାନ, ମହାନଦୀ ସାରସ୍ୱତ ସମ୍ମାନ ଆଦି ବିଭିନ୍ନ ସମ୍ମାନ ଏବଂ ପୁରସ୍କାର ଲାଭ କରିଛନ୍ତି। ତାଙ୍କପରି ବନ୍ଧୁବତ୍ସଳ ଓ ଅତିଥି ପରାୟଣ ବ୍ୟକ୍ତିତ୍ୱ କ୍ୱଚିତ ଅଛନ୍ତି। ୨୦୨୧ ମେ ୨୮ରୁ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଚିବ ରୂପେ ଦାୟିତ୍ୱ ନେବା ପୂର୍ବରୁ ସେ ସାହିତ୍ୟ ସାଧନାରେ ରୁଚି ରଖୁଥିବାରୁ ଏହି ଦାୟିତ୍ୱ ଗ୍ରହଣ ପରେ ଅନେକ ସାରସ୍ୱତ ବନ୍ଧୁଙ୍କୁ ସେ ଲୋଡ଼ି ତାଙ୍କ ଠାରୁ ମୂଲ୍ୟବାନ ପରାମର୍ଶ ନେଉଥିଲେ। ଓଡ଼ିଶା ଜଣେ ବୁଦ୍ଧିଜୀବୀ, ଅମ୍ଳାନ ପ୍ରତିଭା ଓ ସାରସ୍ୱତ ସାଧକଙ୍କୁ ହରାଇଲା ନିଶ୍ଚୟ। ଭଗବାନ ତାଙ୍କ ପରିବାରବର୍ଗଙ୍କୁ ଏ ଦୁଃଖ ସହିବାକୁ ସାମର୍ଥ୍ୟ ଦିଅନ୍ତୁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ଏହା ମୋର ପ୍ରାର୍ଥନା।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫*

# ମୀନା ବଜାରର ଦୁଃଖ



ଶ୍ୟାମ ସୁନ୍ଦର ସାମଲ


ବର୍ଷର ବିଭିନ୍ନ ସମୟରେ ସହରର ବିଭିନ୍ନ ସ୍ଥାନରେ ମୀନା ବଜାର ଦୋଳି ପଡ଼ିଥାଏ। ପୂର୍ବପରି ଏବେ ଆଉ ମୀନା ବଜାରର ପ୍ରତି ଆଗ୍ରହ ଓ ଦର୍ଶକୀୟ ଗହଳି ମଧ୍ୟ ନାହିଁ। କିନ୍ତୁ ଏହି ମୀନା ବଜାର ପଡ଼ିବା ପରେ ଓ ପରବର୍ତ୍ତୀ ସମୟରେ ଯେଉଁ ଅଭାବନୀୟ ଘଟଣା ସବୁ ଦେଖିବାକୁ ମିଳେ ତାହା ପ୍ରଶାସନ ସମ୍ଭବତଃ ଦେଖି ପାରିନଥାଏ। ପ୍ରଶାସନ କେବଳ ଅନୁମତି ଦେଇ ରାଜସ୍ୱ ଚକ୍କରରେ ଥିବାରୁ ଏ ନେଇ ଯେଉଁ ଅସୁବିଧା ହେଉଥାଏ ତାହାକୁ ଅଣଦେଖା କରାଯାଇଥାଏ। ଏବେ କଟକ ସିଡ଼ିଏ ସେକ୍ଟର-୯ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଥିବା ଖେଳ ପଡ଼ିଆରେ ମୀନା ବଜାର ପଡ଼ିଛି। ଏହି ଖେଳ ପଡ଼ିଆର ଚର୍ତୁଃପାର୍ଶ୍ୱରେ କିଛି ଦିନ ତଳୁ ସରକାରୀ ବ୍ୟବସ୍ଥାରେ ଉଜ୍ଜ୍ୱଳ ଆଲୋକ ଓ ପଥଚାରୀ ତଥା ବ୍ୟାୟାମ କରିବା ପାଇଁ ଉନ୍ନତମାନର ଦାମିକିଆ ପଥର ବସାଯାଇ ସ୍ୱତନ୍ତ୍ର ଚଲାପଥ ତିଆରି ହୋଇଛି। ତେବେ ଏହି ମୀନା ବଜାର ଯାହାକି ପ୍ରତି ବର୍ଷ ଏହି ସମୟରେ ହିଁ ପଡ଼ିଥିବାରୁ ଏହା ନାନା ସମସ୍ୟା ସୃଷ୍ଟି କରୁଥିବା ନେଇ ସ୍ଥାନୀୟ ଜନସାଧାରଣ ଅଭିଯୋଗ କରୁଛନ୍ତି। ଏହାର ତିନିପାର୍ଶ୍ୱରେ ଜନଗହଳି, ଆବାସିକ ଘର ରହିଥିବାବେଳେ ଏକ ପାର୍ଶ୍ୱରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରହିଛି। ଏହି ମୀନା ବଜାର ଦୋଳି ପଡ଼ିବା ପରେ ବିଦ୍ୟାମନ୍ଦିରର ପିଲାମାନେ ଆଉ ଖେଳ ପଡ଼ିଆକୁ ବ୍ୟବହାର କରିପାରୁନାହାଁନ୍ତି। ସେହିପରି ପ୍ରାତଃ ଭ୍ରମଣକାରୀ ଓ ବ୍ୟାୟାମ କରୁଥିବା ଲୋକମାନେ ଏଥିରୁ ବଞ୍ଚିତ ହେଉଛନ୍ତି ତେବେ ଉଦ୍‌ବେଗଜନକର କଥା ହେଉଛି ଏହାର ପରିମଳ ଓ ସୁରକ୍ଷା ଦିଗକୁ ପ୍ରଶାସନ ଦେଖିପାରୁନାହିଁ। ଏହି ମୀନା ବଜାରରେ କାମ କରୁଥିବା ଶହେରୁ ଉର୍ଦ୍ଧ୍ୱ କର୍ମଚାରୀ ସେମାନେ ଗାଧୋଇବା ଓ ନିତ୍ୟ ବ୍ୟବହାର୍ଯ୍ୟ ପାଇଁ ସେହି ସୀମିତ ଅଞ୍ଚଳ ବ୍ୟବହାର କରୁଥିବାରୁ ଅପରିଷ୍କାର ପରିବେଶ ସୃଷ୍ଟି ହେଉଛି। ସେହିପରି ଏମାନଙ୍କ ପାଖରେ କିଛି ବନଜାରା ଦଳ ପାଲ ପକାଇ ସେମାନଙ୍କ ଛୋଟ ଛୋଟ ପିଲାମାନଙ୍କୁ ଧରି ରହୁଛନ୍ତି ଯାହାଫଳରେ ଏମାନଙ୍କ ସଂଖ୍ୟା ଦେଢ଼ଶହରୁ



ଉର୍ଦ୍ଧ୍ୱ। ତେବେ ବର୍ଷା ଦିନ ଚାଲୁଥିବାରୁ ଏତେ ଲୋକଙ୍କ ଆତଯାତ ଦ୍ୱାରା କାଦୁଆ ପଚପଚ ହୋଇଯାଉଛି। ସେମାନଙ୍କର ଛୋଟ ପିଲାମାନେ ସକାଳୁ ସକାଳୁ ଝାଡ଼ା ପରିସ୍ରା କରୁଥିବାରୁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି ଓ ସେମାନଙ୍କ ପିଲାମାନେ ତଥା ବଡ଼ଲୋକମାନେ ଅଣଓଡ଼ିଆ ହିନ୍ଦୀଭାଷୀ ହୋଇଥିବାବେଳେ ସେମାନଙ୍କ ପାଖରେ କୌଣସି ପରିଚୟ ପତ୍ର ନାହିଁ। କଟକରେ ଏବେ ଲଗାତର ଭାବେ ଏହି ବନଜାରା ମାନଙ୍କ ଦ୍ୱାରା ଚୋରୀ, ଛିନତାୟୀ ହେଉଥିବାରୁ ଏମାନଙ୍କ ଉପରେ ପୋଲିସର ନଜର ରହିବା କଥା। କିନ୍ତୁ ପ୍ରଶାସନ କେବଳ ରାଜସ୍ୱ ପାଇ ଯାଇ ଚୁପ ରହୁଛି। ସ୍ଥାନୀୟ ଅଞ୍ଚଳରେ ମଧ୍ୟ ଛୋଟବଡ଼ ଚୋରୀ ଦେଖାଦେଲାଣି। ସେମାନେ କେଉଁ ଉଦ୍ଦେଶ୍ୟ ନେଇ ଆସିଛନ୍ତି ତାହା ମଧ୍ୟ କାହାକୁ ଜଣାନାହିଁ। ଏ ନେଇ ସ୍ଥାନୀୟ କର୍ପୋରେଟର, ମ୍ୟୁନସିପାଲଟିର ଅଧିକାରୀ ଓ ପୋଲିସ ନିରବ ରହିଥିବାବେଳେ ସେମାନଙ୍କ ପାଖରେ ଅଭିଯୋଗ ପହଞ୍ଚୁଥିଲେ ବି କୌଣସି ସୁଫଳ ମିଳୁନାହିଁ। ଜନଗହଳି ଅଞ୍ଚଳରେ ବିପଦ ସଙ୍କୁଳ ଭାବେ ଏତେ ବଡ଼ ମୀନା ବଜାରର ଦୋଳି କୌଣସି ଅଘଟଣ ଘଟିଲେ ପାଖରେ ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତଲାଇନ ଓ ଆର ପଟେ ବିଦ୍ୟାଳୟ, ଅନ୍ୟ ପଟେ ଜନଗହଳି ପୂର୍ଣ୍ଣ ଦୁଇଟି ମୁଖ୍ୟ ରାସ୍ତା ରହିଛି। ତେଣୁ ପ୍ରଶାସନ ତୁରନ୍ତ ଏ ଦିଗକୁ ଦେଖି ଉଚ୍ଚ ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ।

*ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ, ଶ୍ରୀସତ୍ୟସାଇ ସେବା ସମିତି, କଟକ*

# 'ରାମ' ନାମ ସର୍ବବେଦ ସାର



ଶରତ କୁମାର ସାହୁ

'ରାମ' ନାମ ସର୍ବବେଦ ସାର, ରାମକଥା କ୍ଷୀର-ସମୁଦ୍ର। ଏହା ଅତି ପବିତ୍ର ଓ ରସମୟ କାହାଣୀ। ଏହା ନିଃସନ୍ଦେହ ଯେ ରାମାୟଣ ପରି ମହାକାବ୍ୟ ଆଜି ପର୍ଯ୍ୟନ୍ତ କୌଣସି ଦେଶରେ ବା କୌଣସି ଭାଷାରେ ଲେଖା ହୋଇନାହିଁ। ଏହା ଅନ୍ୟ ଦେଶର କବି ଓ ଲେଖକମାନଙ୍କୁ ମଧ୍ୟ ପ୍ରେରଣା ଯୋଗାଇ ଆସିଛି। ରାମାୟଣ ପ୍ରତ୍ୟେକ ଭାଗ୍ୟବାନ ଭାରତୀୟର ପରମ ମୂଲ୍ୟବାନ ପରମ୍ପରା।ରାମ ହିନ୍ଦୁମାନଙ୍କର ଇଷ୍ଟଦେବତା। ଅନେକ ହିନ୍ଦୁ ନିଜର ନାମ ଓ ନିଜ ଘରଦ୍ୱାରର ନାମ ସହ ରାମଙ୍କ ନାମ ଲଗାଇଥାନ୍ତି। ଏମିତି କୌଣସି ଭାରତୀୟ ନାହିଁ ଯିଏ ରାମକଥାର ଅମୃତ ଆସ୍ୱାଦନ କରିନଥିବ। ରାମାବତାର କାହାଣୀ ଥିବା ମହାକାବ୍ୟ ରାମାୟଣ ଗୋଟିଏ ଅତି ପବିତ୍ର ଗ୍ରନ୍ଥ ଏବଂ ଏହାକୁ ଲକ୍ଷପତି ଠାରୁ ଦରିଦ୍ର ଯାଏ ଏବଂ ପଣ୍ଡିତ ଠାରୁ ମୂର୍ଖଯାଏ ସମସ୍ତେ ଶ୍ରଦ୍ଧା ଓ ଭକ୍ତିର ସହ ପାରାୟଣ କରିଥାନ୍ତି। ରାମାୟଣ ଯେଉଁ ରାମ ନାମର ମହିମା ଗାନ କରେ, ସେଇ ନାମର ଶ୍ରବଣରେ ସବୁ ପାପ ଧୋଇଯାଏ ଓ ପାପୀ ପୁଣ୍ୟବନ୍ତ ହୁଏ। ଏହା ନାମ ପରି ମନୋରମ ସ୍ୱୟଂ ନାମୀ ରାମଚନ୍ଦ୍ରଙ୍କୁ ମଧ୍ୟ ଭକ୍ତ ଆଗକୁ ଟାଣି ଆଣିପାରେ।

ଜଗତର ସମସ୍ତ ଜଳାଶୟର ଆଧାର ହେଲା ସମୁଦ୍ର, ସେହିପରି ସମସ୍ତ ପ୍ରାଣୀଙ୍କର ମୂଳାଧାର ରାମ। ଜଳବିହୀନ ସମୁଦ୍ରର ଅସ୍ତିତ୍ୱ ଯେମିତି ଅସମ୍ଭବ ଏବଂ ଅସତ୍ୟ, ରାମବିହୀନ ପ୍ରାଣୀ ମଧ୍ୟ ସେହିପରି ଅସତ୍ୟ ଓ ଅସମ୍ଭବ। ଏଣୁ ସୁନୀଳ ସାଗର ଓ ସର୍ବଶକ୍ତିମାନ ଈଶ୍ୱରଙ୍କ ମଧ୍ୟରେ ସାମଞ୍ଜସ୍ୟ ଅନେକ। ପୁରାଣରେ ଅଛି ମହୋଦଧି ହିଁ ନାରାୟଣଙ୍କ ଆବାସ। ସେ କ୍ଷୀର ସମୁଦ୍ରରେ ଅନନ୍ତ ଶୟନରେ ବିଶ୍ରାମ ନିଅନ୍ତି। ସେଥିପାଇଁ ଆଦିକବି ବାଲ୍ମୀକି ରାମାୟଣର ପ୍ରତ୍ୟେକ ଖଣ୍ଡକୁ 'କାଣ୍ଡ' ବୋଲି ନାମ ଦେଇଛନ୍ତି। ଆଦିକାଣ୍ଡ, ଅଯୋଧ୍ୟାକାଣ୍ଡ, ଲଙ୍କାକାଣ୍ଡ ପ୍ରଭୃତି। କାଣ୍ଡ ଶବ୍ଦର ଅର୍ଥ ଜଳାଶୟ। ଏହା ଇକ୍ଷୁଦଣ୍ଡକୁ ବୁଝାଏ। ଇକ୍ଷୁଦଣ୍ଡ ଯେତେ ବଙ୍କାଟଙ୍କା ହେଲେ ମଧ୍ୟ ତୁମେ ଯେଉଁଠି ଦାନ୍ତ ଲଗାଇବ, ସେଇଠୁ ଝରିବ ମଧୁରସ, ନୁହେଁ କି ? ସେହିପରି ରାମକଥାର ରସ ରାମାୟଣର ବହୁ ଅଙ୍କାବଙ୍କା ବାଟରେ କଲ୍ଲୋଳିନୀ ଝରଣା ପରି ମୁକ୍ତ ଭାବରେ ବହିଯାଇଛି, ତଥାପି ଏହାର ପ୍ରତ୍ୟେକ ବିନ୍ଦୁରେ ଭରି ରହିଛି କରୁଣାର ଦିବ୍ୟରସ। ଏ ରାମକଥାର ରସମୟୀ, ଲାସ୍ୟମୟୀ ଝରଣାର ଝର ଅନେକ ଦୁଃଖ, ବିସ୍ମୟ, ଭୟ, ଆତଙ୍କ, ପ୍ରେମ, ହତାଶା ଓ ତର୍କବିତର୍କର ଅନେକ ପଥରେ ଘୁରି ଘୁରି ବହିଯାଇଛି ମାତ୍ର ଏହାର ମୂଳ ସ୍ରୋତ ହେଲା ଧର୍ମ ଓ କରୁଣା।

ରାମକଥାର ଅମୃତ ଅଯୋଧ୍ୟା ତଟରେ ପ୍ରବାହିତ ସରଯୂ ନଦୀ ସଦୃଶ। ସରଯୂ ନଦୀ ହିମାଳୟର ମାନସ ସରୋବରରୁ ଜାତ ହୋଇ ତଳକୁ ବହି ଆସୁଥିଲା, ସେହିପରି ରାମକଥା ମଧ୍ୟ ବିଶ୍ୱ ମାନସ ସରୋବରରୁ ଜାତ। ରମଝର କରୁଣାରସ, ଲକ୍ଷ୍ମଣଝର ଭକ୍ତିରସ। ସରଯୂ ଯେମିତି ଗଙ୍ଗା ନଦୀରେ ମିଶି ଏକାକାର ହୋଇଯାଇଛି, ସେହିପରି ରାମାୟଣରେ ରାମରୂପୀ କରୁଣାଝର ଓ ଲକ୍ଷ୍ମଣରୂପୀ ଭକ୍ତିଝର ମିଶି ଏକ ହୋଇଯାଇଛି। ତେଣୁ କରୁଣା ଓ ଭକ୍ତି ରାମାୟଣର ଦୁଇ ପ୍ରଧାନ ରସ, ରାମ ମହିମା ଓ ରାମଗୌରବର ବାହକ। ରାମାୟଣର ଏଇ ମହନୀୟ ରସୋମୟ ଚିତ୍ର ପ୍ରତ୍ୟେକ ଭାରତୀୟ ହୃଦୟର ଅତି ଆଦରର ଧନ। ଏହି ରସ ଲାଭ କରିବା ହିଁ ତାର ସମସ୍ତ ସାଧନାର ଲକ୍ଷ୍ୟ।

*ଉପକରଣ ହାଉସ, ଚଣ୍ଡୀଖୋଲ, ଯାଜପୁର,*
*ଦୂରଭାଷ : ୯୪୩୭୦୫୧୫୪୩*

# କାହିଁ ସେ ବିବେକାନନ୍ଦ-ଗାନ୍ଧିଙ୍କ ସ୍ୱପ୍ନର ଦେଶ

ଏ ଦେଶରେ ବହୁ ମହାମନୀଷି ଜନ୍ମଗ୍ରହଣ କରିଛନ୍ତି ଓ ଦେଶ ଜାତି ପାଇଁ ଅନେକ କଥା କରିଛନ୍ତି। ବହୁ ତତ୍ତ୍ୱ ବୋଧକ କଥା ମଧ୍ୟ କହିଛନ୍ତି। ଏଭଳି ଦୁଇଜଣ ହେଉଛନ୍ତି ସ୍ୱାମୀ ବିବେକାନନ୍ଦ ଓ ଜାତିର ଜନକ ମହାତ୍ମାଗାନ୍ଧୀ। ସ୍ୱାମୀ ବିବେକାନନ୍ଦ ଏ ଦେଶର ଗରୀବ ଲୋକମାନଙ୍କର ସ୍ଥିତିକୁ ଦେଖି ଦୁଃଖ ପ୍ରକାଶ କରୁଥିଲେ। ସେ ଚାହୁଁଥିଲେ ଏ ଦେଶରେ ସମସ୍ତେ ପେଟପୁରାଖାଆନ୍ତୁ। ସ୍ୱାମୀଜୀ କହିଥିଲେ ସବୁ ଦେବାଦେବୀଙ୍କୁ ଭୁଲିଯାଅ। କାରଣ ଗାଁର ଗରୀବ ଲୋକେ ହେଉଛନ୍ତି ଦେବାଦେବୀ। ସେମାନଙ୍କର ସେବାକର। ସେମାନଙ୍କର ସେବା କରିପାରିଲେ ତାହା ହେବ ଭଗବାନଙ୍କର ପ୍ରକୃତ ପୂଜା। ଗରୀବ ଲୋକଙ୍କୁ ସ୍ୱାମୀଜୀ ହିଁ ଦରିଦ୍ର ନାରାୟଣ ବୋଲି ସମ୍ବୋଧିତ କରିଥିଲେ। ସେ ଥରେ କହିଥିଲେ ଦେଶର ସଂଶାଧନ କୁ ଉପଯୋଗ କରି ଉଚ୍ଚଶିକ୍ଷା ଲାଭକରି ସମ୍ପନ୍ନ ହେବାପରେ ଯେଉଁମାନେ ଗରୀବ ଲୋକଙ୍କ କଥା ଚିନ୍ତା କରୁନାହାଁନ୍ତି ସେମାନେ ଦେଶଦ୍ରୋହୀ। ପାଖାପାଖି ୧୦୦ ବର୍ଷ ତଳେ ସ୍ୱାମୀଜୀ ଏକଥା କହିଥିଲେ। ଅନ୍ୟପକ୍ଷରେ ଗାନ୍ଧିଜୀ ବାରିଷ୍ଟରି ପାସ୍ କରି ମଧ୍ୟ ଦେଶର ସ୍ୱାଧିନତା ପାଇଁ କେତେ କଷ୍ଟ କରିନାହାଁନ୍ତି ? ଆଣ୍ଠୁ ଲୁଚୁନଥିବା ଖଦଡ ଲୁଗା ଓ ଖଦଡ ଚାଦର ଖଣ୍ଡେ ଘୋଡାଇ ହୋଇ ଜୀବନ ବିତାଇ ଦେଇଛନ୍ତି। ତାଙ୍କର ସ୍ୱପ୍ନଥିଲା ଏ ଦେଶ ରାମରାଜ୍ୟ ହେବ। ମର୍ଯ୍ୟାଦା ପୁରୁଷୋତ୍ତମ ରାମ ଚନ୍ଦ୍ରଙ୍କ ଶାସନକାଳରେ ପ୍ରଜାମାନେ ଯେଉଭଳି ସୁଖ ଶାନ୍ତିରେ ଥିଲେ ସେଭଳି ଏ ଦେଶର ଲୋକେ ରହିବେ। ରାମଙ୍କ ଶାସନକାଳରେ ଯେଉଳି ପ୍ରଜାମାନଙ୍କୁ ନ୍ୟାୟମିଳୁଥିଲା ଏ ଦେଶର ଲୋକମାନଙ୍କୁ ସେଭଳି ନ୍ୟାୟ ମିଳିବ। କିନ୍ତୁ ସ୍ୱାମୀଜୀଙ୍କ ଚିନ୍ତା ଓ ଗାନ୍ଧିଜୀଙ୍କ ସ୍ୱପ୍ନ ପୂରଣ ହୋଇଛି କି ? ସ୍ପଷ୍ଟ ଉତ୍ତର ହେଉଛି ନାଁ। ସ୍ୱାମୀ ବିବେକାନନ୍ଦଙ୍କ ଚିନ୍ତା ଅନୁସାରେ ଦେଶର ସବୁଲୋକେ ପେଟପୁରା ଖାଇବାକୁ ପାଉନାହାଁନ୍ତି କି ଗାନ୍ଧୀଙ୍କ ସ୍ୱପ୍ନର ରାମରାଜ୍ୟ ହୋଇପାରିନି ଏ ଦେଶ। ଆମେ ଏମାନଙ୍କଠୁ କିଛି ଶିଖିନେ କି ଶିଖିବା ପାଇଁ ମଧ୍ୟ ଚେଷ୍ଟା କରିନେ। ଏବେ ଦେଶରେ ଧନୀଲୋକଙ୍କ ସଂଖ୍ୟା ବଢୁଛି ବୋଲି ସରକାର କହୁଛନ୍ତି। କିନ୍ତୁ ଅନ୍ୟପକ୍ଷରେ ଗରୀବ ଲୋକେ ମଧ୍ୟ ଅଧିକରୁ ଅଧିକ ଗରୀବ ହେବାରେ ଲାଗିଛନ୍ତି। ନେତା ଏବଂ ଅଧିକାରୀ କେବଳ ନୁହଁନ୍ତି ଅନେକ କିରାଣୀ ଓ ଚପରାଶି ମଧ୍ୟ କୋଟିପତି ହୋଇଯାଉଛନ୍ତି। ଦେଶରେ ସବୁଠି ଦୁର୍ନୀତି, ସବୁଠି ଭ୍ରଷ୍ଟାଚାର। ସତ୍ୟ ନାହିଁ କହିଲେ ଚଳେ, ଅଧିକ ମିଥ୍ୟା। ସ୍ୱାମୀ ବିବେକାନନ୍ଦଙ୍କ ସମ୍ପର୍କରେ ଆମେ ସମସ୍ତେ ଜାଣିଛେ। ସେ କେବେ ମିଥ୍ୟା କହିବା ବା ଦୁର୍ନୀତି କରିବା କଥା କାହାରିକୁ ଜଣା ନାହିଁ। ଗାନ୍ଧିଜୀଙ୍କର ତିନୋଟି ମାଙ୍କଡ ଥିଲେ। ଗୋଟିଏ ଆଖିରେ, ଦ୍ୱିତୀୟଟି ପାଟିରେ ଓ ତୃତୀୟଟି କାନରେ ହାତଦେଇଥିଲା। ଅର୍ଥ ହେଉଛି ଖରାପ କଥା




ଗୋପାଳ ମହାପାତ୍ର

ଦେଖିବିନି, ଖରାପ କଥା କହିବିନି ଓ ଖରାପ କଥା ଶୁଣିବିନି। ଗାନ୍ଧି ମିଥ୍ୟାକୁ ଘୃଣା କରୁଥିଲେ। ଆମ ପିଲାଦିନେ ସ୍କୁଲରେ ଏକ ପ୍ରାର୍ଥନା ବୋଲାଯାଉଥିଲା। ଅନେକେ ମଧ୍ୟ ସେହି ପ୍ରାର୍ଥନା ସ୍କୁଲ ବେଳେ ବୋଲିଥିବେ। ପ୍ରାର୍ଥନାର ଏକ ପଂକ୍ତିଥିଲା'ସତ କହିବାକୁ କିଆଁ ଡରିବି, ସତ କହିପଛେ ମଲେ ମରିବି। ମୋତେ ଏତିକି ଶିଖାଅ ସାଇଁହେ, ମୋର ଧନ ଜନ ଲୋଡା ନାହିଁହେ।' ଏହି ପଂକ୍ତିର ବହୁତ ଗୁରୁତ୍ୱ ରହିଛି। ଏହାର ଅର୍ଥଆମେ ଜାଣିଛେ କିନ୍ତୁ କାର୍ଯ୍ୟରେ ଲଗାଇବା ପାଇଁ ଆଗ୍ରହ ଆମ ମଧ୍ୟରେ ନାହିଁ। ଏବେ ଆମ ସମସ୍ତଙ୍କ ମଧ୍ୟରେ ଏକ ରୁଗ୍ଣ ମାନସିକତା ଦେଖାଦେଇଛି। କେମିତି କମ୍ ସମୟ ମଧ୍ୟରେ କମ୍ କାର୍ଯ୍ୟରେ ଅଧିକ ଉପାର୍ଜନ ହେବ। ଏହି ଉପାର୍ଜନ ଭୁଲ ବାଟରେ ହେଲେବି ଆମେ ବେପରବାୟ। ସରକାର ଯୋଜନା ପରେ ଯୋଜନାମାନ କରି ଚାଲିଛନ୍ତି, କିନ୍ତୁ ସେଥିରୁ ଏ ଦେଶର ଗରୀବ ଲୋକେ ଉପକାର ପାଉନାହାଁନ୍ତି। ଗରୀବଙ୍କ ପାଇଁ ଆସୁଥିବା ଯୋଜନା ବାବଦ ଅର୍ଥ ବାଟମାରଣା ହେଉଛି। ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଏକ ଭାଷଣ ପ୍ରସଙ୍ଗରେ ଥରେ କହିଥିଲେ ଯେ ଗରୀବ ଲୋକଙ୍କ ପାଇଁ ହେଉଥିବା ଯୋଜନା ବାବଦ ଅର୍ଥର ୧୫ପ୍ରତିଶତ ମଧ୍ୟ ସେମାନଙ୍କ ପାଇଁ ବ୍ୟୟ କରାଯାଉନାହିଁ। ଏ ଦେଶର ଲୋକଙ୍କ ଭୋଟପାଇ ନେତା ହୋଇଥିବା କତିପୟ ଲୋକେ ଏ ଦେଶର ଜନତାଙ୍କ ଅର୍ଥକୁ ଅୟସରେ ଖର୍ଚ୍ଚକରିବାରେ ଲାଗିଛନ୍ତି। ଅନ୍ୟପକ୍ଷରେ ଲୋକଙ୍କୁ ସେବାଦେବା ପାଇଁ ଉଦ୍ଦିଷ୍ଟ ଅଧିକାରୀଙ୍କ ଠାରୁ ଆରମ୍ଭ କରି କିରାଣୀ ଚପରାଶି ପର୍ଯ୍ୟନ୍ତ ସମସ୍ତେ ଦେଶକୁ ଓ ଲୋକଙ୍କୁ ଲୁଟିବାରେ ଲାଗିଛନ୍ତି। କିନ୍ତୁ ସାଧାରଣ ଲୋକେ ସବୁ ସହିଚାଲିଛନ୍ତି। ନେତା ଓ ସରକାରୀ କର୍ମଚାରୀମାନେ ଚୁପ୍‌ଚାପ୍ ସେମାନଙ୍କ ବେତନ ବୃଦ୍ଧି କରିଚାଲିଛନ୍ତି। ସବୁନେତା ବା ସବୁଅଧିକାରୀ ଅଥବା କର୍ମଚାରୀ ଯେ ଲୁଟୁଛନ୍ତି ତାହା ନୁହେଁ। କିନ୍ତୁ ଲୁଟିବା ଲୋକଙ୍କ ସଂଖ୍ୟା ଅଧିକ ରହିଛି। ଅନେକେ ଏଭଳି ଲୁଟୁଛନ୍ତି ଯେ ଅନୁମାନ କରିବା ମଧ୍ୟ କଷ୍ଟକର। ଦେଶର ରାଜନୀତି ଏବେ ଧୃତରାଷ୍ଟ୍ରଙ୍କ ଦରବାରର କଥାଭଳି ହୋଇଛି। ଦେଶର ସମସ୍ୟାର କଥା ଏବଂ ଗରୀବ ଲୋକଙ୍କ ଅବସ୍ଥା ରାଜନୈତିକ ବ୍ୟକ୍ତି ବିଶେଷଙ୍କ ଦୃଷ୍ଟିକୁ ଆସୁନାହିଁ। ଧୃତରାଷ୍ଟ୍ର ସିନା ଏକା ଅନ୍ଧଥିଲେ, କିନ୍ତୁ ଆଜିର ରାଜନୀତିରେ କେତେଯେ ଅନ୍ଧ ଅଛନ୍ତି ତାହା ଗଣନା କରିବା କଷ୍ଟକର।

ଏବେ ନେତା ଓ ଅଧିକାରୀମାନଙ୍କୁ ଲୋକେ ଗାଳିଦେଉଛନ୍ତି। କିନ୍ତୁ ସମୟ ନିଶ୍ଚୟ ଆସିବ ଯେତେବେଳେ ଲୋକେ ଏମାନଙ୍କ ଉପରକୁ ଟେକା ଫୋପାଡିବେ। ଦେଶରୁ ଦାରିଦ୍ର୍ୟ, କୁପୋଷଣ କିଭଳି ହଟିବ ସେ ବାବଦରେ କାହାରି ଚିନ୍ତା ନାହିଁ। ଯାହା ଚାଲିଛି ଖାଲି ଉପର ଠାଉରିଆ। ଏବେ ଯଦି ପୁର୍ନବାର ସ୍ୱାମୀ ବିବେକାନନ୍ଦ ଅଥବା ଗାନ୍ଧି ଆସନ୍ତେ ତେବେ ଦେଶରେ ଚାଲିଥିବା ଭ୍ରଷ୍ଟାଚାର, ନେତାଙ୍କ ଲୁଟ୍ , ବିଦେଶରେ ଜମାଥିବା କଳାଧନ ଏବଂ ପେଟବିକଳରେ ମା' ନିଜ ସନ୍ତାନକୁ ବିକିବା ଭଳି ଯେଉଁ ସବୁଘଟଣା ଏହି ଦେଶରେ ଘଟୁଛି ତାକୁ ଦେଖି କ'ଣ ଭାବନ୍ତେ? କ'ଣ କହନ୍ତେ? କାହିଁସେ ବିବେକାନନ୍ଦଙ୍କ କଥା, କାହିଁସେ ଗାନ୍ଧିଙ୍କ ସ୍ୱପ୍ନ ?

*ରାମଚନ୍ଦ୍ରପୁର*
*ରଣପୁର*
*ମୋ-୯୪୩୮୪୮୫୦୯୪*

# ଭଲ ଗୁଣକୁ ଚିହ୍ନ




ଦେବଦତ୍ତ ବିଶ୍ୱାଳ

ପ୍ରତ୍ୟେକ ଘଟଣା ଓ ଦୁର୍ଘଟଣା ପଛରେ କିଛି ନା କିଛି ମହତ୍ ଉଦ୍ଦେଶ୍ୟ ଲୁଚି ରହିଥାଏ । କିନ୍ତୁ ଅନେକ ଲୋକ ଏହି ମହତ୍ ଉଦ୍ଦେଶ୍ୟକୁ ବୁଝି ନ ପାରନ୍ତି ନାହିଁ । ଫଳରେ ଦୁଃଖ ପାଆନ୍ତି । ଏନେଇ ଏକ ସୁନ୍ଦର କାହାଣୀ ରହିଛି । ଗୋଟିଏ ଗାଁରେ ଜଣେ କୃଷକ ରହୁଥିଲେ । ସେ ପ୍ରତିଦିନ ଗାଁର ଶେଷ ଭାଗରେ ଥିବା କୂଅକୁ ପାଣି ଆଣିବା ପାଇଁ ଯାଉଥିଲେ । ଦୁଇଟି ବାଲ୍‌ଟି ଧରି କୃଷକ ଜଣକ ପାଣି ଆଣୁଥିଲେ । କିନ୍ତୁ ଦୁଇଟି ବାଲ୍‌ଟି ମଧ୍ୟରୁ ଗୋଟିଏ ବାଲ୍‌ଟି କଣା ଟିଏ ଥିଲା । ଏଣୁ କୃଷକ ଜଣକ ପାଣି ଆଣି ଘରେ ପହଞ୍ଚିବା ସମୟରେ ସେହି ବାଲ୍‌ଟିର ପାଣି ଅଧା ହୋଇଯାଏ । ଏଣୁ ଦିନେ କଣା ନଥିବା ଭଲ ବାଲ୍‌ଟିଟି କଣା ଥିବା ବାଲ୍‌ଟିକୁ କହିଲା ଯେ 'ତୋ ଦେହରେ କଣା ରହିଛି, ମାଲିକ ତତେ ସଂପୂର୍ଣ୍ଣ ଭରି କରି ଆଣୁଥିଲେ ମଧ୍ୟ ତୁ ସବୁବେଳେ ଅଧା ହୋଇଯାଉଛୁ । ଏଣୁ ମାଲିକ ତୋ ଯୋଗୁଁ ହଇରାଣ ହେଉଛନ୍ତି' । ଏହାଶୁଣି କଣା ଥିବା ବାଲ୍‌ଟିଟି ମନ ଦୁଃଖରେ ମାଲିକଙ୍କୁ କହିଲା 'ମୋ ଯୋଗୁଁ ଆପଣଙ୍କର ଏତେ ଅସୁବିଧା ହେଉଛି, ଆପଣ ମୋ ଦେହରେ ଥିବା କଣାଟିକୁ ଭରି ଦିଅନ୍ତୁ କିମ୍ବା ନୂଆ ବାଲ୍‌ଟି ଆଣି ବ୍ୟବହାର କରନ୍ତୁ' । ଏହା ଶୁଣି କୃଷକ ଜଣକ ହସି ହସି କହିଲେ, 'ଏଥିରେ ଦୁଃଖ କରିବାର କିଛି ନାହିଁ । ମୁଁ ତୁମକୁ ଭରି ଯେଉଁ ରାସ୍ତା ଦେଇ ଆସେ ସେ ରାସ୍ତାର ଗୋଟିଏ ପାର୍ଶ୍ୱରେ ସବୁଜିମା ରହିଥିବା ବେଳେ ଆଉ ଗୋଟିଏ ପାର୍ଶ୍ୱରେ ଟାଙ୍ଗରା ଭୂଇଁ ରହିଛି । ଯେଉଁ ପାର୍ଶ୍ୱରେ ମୁଁ ତୁମକୁ ଧରି ଆଣେ ସେହି ପାର୍ଶ୍ୱରେ ପାଣି ପଡୁଥିବାରୁ ସେଠାରେ ସବୁଜିମା ଭରି ଯାଇଛି । କଣା ନଥିବା ବାଲ୍‌ଟି ମୋ ଘର ଲୋକଙ୍କ ଶୋଷ ମେଣ୍ଟାଉଥିବାବେଳେ ତୁମେ କେତେ ଛୋଟ ଛୋଟ ବୃକ୍ଷଙ୍କୁ ଜୀବନଦାନ ଦେଇଛ ।' ଏହା ଶୁଣି ବାଲ୍‌ଟିଟି ଖୁସି ହୋଇଗଲା । ଉପରୋକ୍ତ କାହାଣୀରୁ ଏହା ଶିକ୍ଷଣୀୟ ଯେ ପ୍ରତ୍ୟେକ ବସ୍ତୁର କିଛି ମହତ୍‌ଗୁଣ ରହିଛି । ଆମକୁ ତାହାକୁ ଆବିଷ୍କାର କରିବାକୁ ହେବ ।

*ରାମନିଗମେଶ୍ୱର ମନ୍ଦିର, ଚହଟା, କଟକ,*
*ଦୂରଭାଷ : ୯୮୬୧୯୪୪୫୯୪*

# ମ୍ୟାଲେରିଆର ମୂଳୋତ୍ପାଟନ



ଡାକ୍ତର କାନ୍ତୀ ନାୟକ

ଆଜି ହେଉଛି ବିଶ୍ୱ ମ୍ୟାଲେରିଆ ଦିବସ। ପ୍ରତିବର୍ଷ ଏପ୍ରିଲ ୨୫ ତାରିଖରେ ଆନ୍ତର୍ଜାତୀୟ ସ୍ତରରେ ମ୍ୟାଲେରିଆ ନିରାକରଣ ଓ ସଚେତନତା ସୃଷ୍ଟି କରିବାକୁ ୱାର୍ଲ୍ଡ ହେଲଥ୍ ଅର୍ଗାନାଇଜେସନ ଦ୍ୱାରା ଏହା ପାଳିତ ହୁଏ। ଏହା ସହ ଏକ ଗ୍ଲୋବାଲ ଟେକିନିକାଲ ଷ୍ଟ୍ରାଟେଜୀ ଫର ମ୍ୟାଲେରିଆ ୨୦୧୬-୨୦୩୦କୁ ୨୦୧୫ରୁ ଲାଗୁ କରାଯାଇଛି। ରିପୋର୍ଟ ଅନୁଯାୟୀ ବିଶ୍ୱ ସ୍ତରରେ ୧୦୬ଟି ଦେଶର ୩.୩ କୋଟି ଲୋକଙ୍କୁ ମ୍ୟାଲେରିଆର ଆକ୍ରାନ୍ତ ହେବାର ଭୟ ଥାଏ। ୨୦୨୨ ମ୍ୟାଲେରିଆରେ ୮୯୧,୦୦୦ ଲୋକଙ୍କ ମୃତ୍ୟୁ ହୋଇଥିଲା। ତେବେ ଏସିଆ, ଲାଟିନ୍ ଆମେରିକା ଏବଂ ୟୁରୋପର କିଛି ଅଞ୍ଚଳରେ ଏବେ ବି ମ୍ୟାଲେରିଆରେ ବହୁ ଲୋକ ପ୍ରାଣ ହରାଇଥାନ୍ତି। ବିଶ୍ୱର ସର୍ବାଧିକ ମାଲେରିଆ ପ୍ରବଣ ୧୦ଟି ଦେଶର ତାଲିକାରେ ଭାରତ ରହିଛି । ରିପୋର୍ଟରେ ଥିବା ତଥ୍ୟରୁ ଏହା ସ୍ପଷ୍ଟ ଯେ ଦୀର୍ଘ ବର୍ଷ ହେଲା ଜାତୀୟ ସ୍ତରରେ ମ୍ୟାଲେରିଆ ନିୟନ୍ତ୍ରଣ ଅଭିଯାନ ଚାଲିଥିଲେ ସୁଦ୍ଧା, ସେଥିରୁ ଈପ୍‌ସିତ ସୁଫଳ ମିଳି ନାହିଁ । ମ୍ୟାଲେରିଆ ନିରାକରଣ ଅଭିଯାନକୁ ଆହୁରି ଜୋରଦାର କରାଯିବାର ଆବଶ୍ୟକତା ରହିଛି । ମ୍ୟାଲେରିଆର ପ୍ରଭାବ ବୃଦ୍ଧିକୁ ଆଖି ଆଗରେ ରଖି ଚଳିତ ବର୍ଷ ମ୍ୟାଲେରିଆ ନିରାକରଣ ଦିଗରେ ଅଧିକ ନିବେଶ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ସମୁଦାୟକୁ ଆହ୍ୱାନ ଜଣାଇଛି ।

*ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ*




# ଅସାମ୍ବିଧାନିକ ଉପାୟରେ ଜିଗ୍ନେସ୍ ମେୱାନିଙ୍କୁ ଗିରଫ କରିବା ନିନ୍ଦନୀୟ

ଭୁବନେଶ୍ୱର (ପିଏନ୍): ଜିଗ୍ନେସ ମେୱାନିଙ୍କୁ ଅସାମ୍ବିଧାନିକ ଉପାୟରେ ଗିରଫର ପ୍ରତିବାଦ ଓ ତୁରନ୍ତ ଖଲାସ ଦାବିରେ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ବାଙ୍କନିଧି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ମାନ୍ୟବର ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଅଛି । ଶ୍ରୀଯୁକ୍ତ ଜିଗ୍ନେସ ମେୱାନି ଜଣେ ଦକ୍ଷ, ବିଶିଷ୍ଟ ଦଳିତ ନେତା ଓ ବିଧାୟକ ବାଗାଦାମ ବିଧାନସଭା ନିର୍ବାଚନ ମଣ୍ଡଳି (ଗୁଜରାଟ) ଗତ.୨୧.୦୪.୨୦୨୨ତାରିଖ ମଧ୍ୟରାତ୍ରିରେ ଗୁଜୁରାଟର ପାଲାନପୁର ସର୍କିଟ୍ ହାଉସ୍‌ରୁ ଆସାମ ପୋଲିସ୍ ଗିରଫ କରିଛନ୍ତି ବୋଲି ଆମ୍ଭ ନଜରକୁ ଆସିଛି । ନିକଟରେ ବିଜେପି ନେତା ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଅଭିଯୋଗ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କରେ ଜିଗ୍ନେସ ମେୱାନି କରିଥିବା ଟ୍ୱିଟ୍ ଏକ ଅବାସ୍ତବ । ଆସାମର କୋକ୍ରୋଟର ଜିଲ୍ଲାର ଏକ ବିଜେପି ନେତା ଅରୁପ କୁମାର ଦେଙ୍କ ଅଭିଯୋଗ କ୍ରମରେ ଦର୍ଶାଇଛନ୍ତି ଯେ ଜିଗ୍ନେସ ମେୱାନିଙ୍କ ଟ୍ୱିଟ୍‌ଟି କିଛି ଗୋଷ୍ଠୀର ଜନସାଧାରଣଙ୍କ ମଧ୍ୟରେ ଉତେଜନା ସୃଷ୍ଟି କରିବ ଓ ସଂହତିରେ ବାଧା ସୃଷ୍ଟି କରିବ । ଜଣେ ବିଜେପି କର୍ମୀଙ୍କ ଅଭିଯୋଗ କ୍ରମେ ଜଣେ ନିର୍ବାଚିତ ଜନପ୍ରତିନିଧିଙ୍କୁ ଏଭଳି ଭାବରେ ଗିରଫ କରାଯିବା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କରେ ଏକ ଟ୍ୱିଟ୍‌କୁ ନେଇ ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱକର୍ମାଙ୍କର ସରକାର ଏକ ଭୀରୁ ଏବଂ ପ୍ରତିଶୋଧପରାୟଣ, ବିଜେପି ସରକାର ବୋଲି ମନେହୁଏ । କେହିବି ଦଳିତ, ଆଦିବାସୀ ଓ ବଂଚିତ ବର୍ଗ ପାଇଁ ସ୍ୱର ଉଠାଇଲେ ବିଜେପି ସରକାର ତାଙ୍କର ପ୍ରତିଶୋଧପରାୟଣ ରୂପ ଦେଖାଇଥାନ୍ତି । ନିକଟରେ ଗୁଜରାଟ ପ୍ରଦେଶର ବିଧାନ ସଭା ନିର୍ବାଚନ ପାଖେଇ ଆସୁଥିବାରୁ କେନ୍ଦ୍ର ବିଜେପି ସରକାର, ଗ୍ୟାସ୍, ପେଟ୍ରୋଲ୍, ଡିଜେଲ୍, ସି.ଏନ୍.ଜି. ଓ ଅତ୍ୟାବଶକୀୟ ଦ୍ରବ୍ୟର ଅହେତୁକ ମୂଲ୍ୟ ବୃଦ୍ଧି ଉପରୁ ଜନସାଧାରଣଙ୍କ ନଜର ହଟାଇବା ଓ କୋଭିଡ୍ ମୃତ୍ୟୁକୁ ନିୟନ୍ତ୍ରଣ କରିବାରେ ଗୁଜରାଟ ସରକାର ବିଫଳ ଇତ୍ୟାଦିରୁ ନିଜର ବଦନାମକୁ ଲୁଚାଇବା ପାଇଁ କ୍ଷମତାର ଅପବ୍ୟବହାର କରି ଏ ସବୁ ହୀନ ଚକ୍ରାନ୍ତ କରୁଛନ୍ତି । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଜିଗ୍ନେସଙ୍କୁ ଅସାମ୍ବିଧାନିକ ଉପାୟରେ ଗିରଫ କରାଯାଇଥିବାରୁ ଏ ଘଟଣାର ତିବ୍ର ନିନ୍ଦା କରାଯିବା ସହିତ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହ, ଓ ଆସାମ ମୁଖ୍ୟମନ୍ତ୍ରୀ ହେମ୍ନ୍ତ ବିଶ୍ୱଶର୍ମା, ଜିଗ୍ନେସଙ୍କୁ ଲିଖିତ ଆକାରେ କ୍ଷମା ମାଗିବା ସହିତ ତାଙ୍କୁ ଖଲାସ କରି, ତାଙ୍କର ଗୁଜରାଟ ପ୍ରଦେଶର ଗୃହକୁ ପଠାଇବାର ସୁବନ୍ଦୋବସ୍ତ କରିବା ପାଇଁ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଦାବ କରାଯାଇଅଛି । ଅଖିଳ ଭାରତୀୟ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗର ଓ ରାଜ୍ୟ ଅଧ୍ୟକ୍ଷ ଶ୍ରୀ ବାଙ୍କନିଧି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏହି ପ୍ରତିନିଧି ମଣ୍ଡଳୀରେ କଂଗ୍ରେସ ଅନୁସୂଚିତ ଜାତି ବିଭାଗର କର୍ମକର୍ତା ସନ୍ତୋଷ କୁମ୍ଭାର, ମାନସ ମଲ୍ଲିକ,ଜାନକି ମଲ୍ଲିକ, ତାପସ ସେଠି ଓ ଜୟନ୍ତ କୁମାର ଭୋଇ ପ୍ରମୁଖ ମାନ୍ୟବର ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ ।

## କଲ୍ୟାଣକାରୀ ଯୋଜନାରେ ସାମିଲ ନେଇ ଆଟୋ ମାଲିକ ସଂଘର ଦାବ

ଜୟପୁର,(ପି.ଏନ): ଅଟୋ ମାଲିକ ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜୟପୁର ଉପ ଜିଲ୍ଲାପାଳ ବେଦବର ପ୍ରଧାନଙ୍କୁ ଦାବି ପତ୍ର ପ୍ରଦନ କରାଯାଇଛି । ଅଟୋ ରିକ୍ସା ଡ୍ରାଇଭର ଓ କର୍ମଚାରୀ ମାନଙ୍କୁ କଲ୍ୟାଣକାରୀ ଯୋଜନାରେ ସାମିଲ କରିବା ପାଇଁ ଦାବି କରାଯାଇଛି । ଯେପରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମଧୁ ବାବୁ ପେନସନ ଯୋଜନା ଆଦି ସାମିଲ କରିବାକୁ ଦାବି କରାଯାଇଛି ।ମୃତକୁ ଡ୍ରାଇଭରଙ୍କ ପରିବାରକୁ ଇନସ୍ୟୁରାନ୍ସ ଓ କ୍ଷତିପୂରଣ ବାବଦରେ ୪ ଲକ୍ଷ ଟଙ୍କା ପ୍ରଦାନ କରିବା, ଗୁରୁତର ଆହତକୁ ୮୦ ହଜାର ଟଙ୍କା, ସ୍ଥାୟୀ ଅର୍କମଣ୍ୟକୁ ଦେଢ ଲକ୍ଷ ଟଙ୍କା, ସାଧାରଣ ମୃତ୍ୟୁକୁ ୨ ଲକ୍ଷ ଟଙ୍କା ଆଦି ଦେବାକୁ ସଂଘର ସଭାପତି ଅନିଲ କୁମାର ପଣ୍ଡା ଉପ ସଭାପତି କାହ୍ନୁ ଚରଣ ଗନ୍ତାୟତ ପ୍ରମୁଖ ଦାବି କରିଛନ୍ତି ।

## ଭଗାମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରେ ଅଭିଭାବକମାନଙ୍କ ବୈଠକ ଅନୁଷ୍ଠିତ

ଭଗାମୁଣ୍ଡା (ପିଏନ୍): ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଭଗାମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରେ ଅଭିଭାବକମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୁଖ୍ୟଅତିଥି ଭାବେ ପରିଚାଳନା କମିଟିର ସଭାପତି ଜଟେଶ୍ୱର ନନ୍ଦ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ସମ୍ପାଦକ ରାଜେନ୍ଦ୍ର କୁମାର ମାଝୀ ଏବଂ ସମ୍ମାନୀତ ଅତିଥି ଭାବେ କୋଷାଧ୍ୟକ୍ଷ ବନମାଳୀ ନାୟକ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଉନ୍ନତିକରଣ ବିଷୟରେ ଆଲୋଚନା କରିଥିଲେ । ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଯୁଧିଷ୍ଠିର ମହାନ୍ତ ବୈଠକ ପରିଚାଳନା କରିଥିବା ବେଳେ ଶେଷରେ ବନ୍ଦେ ମାତାରମ୍ ସଙ୍ଗୀତ ଗାନ କରି ସଭା ସାଙ୍ଗ କରାଯାଇଥିଲା ।

# ରାଉରକେଲା ସ୍ୱରେଜ୍ ପ୍ରକଳ୍ପରେ ଦୁର୍ନୀତି ଓ ଅନିୟମିତତା ନେଇ ଏଡିଏମ୍‌ଙ୍କୁ ସାକ୍ଷାତ କଲା ଜିଲ୍ଲା କଂଗ୍ରେସ

ରାଉରକେଲା (ପିଏନ୍): ରାଉରକେଲା ସ୍ୱରେଜ୍ ପ୍ଲାଣ୍ଟ ପ୍ରକଳ୍ପରେ ହୋଇଥିବା ବ୍ୟାପକ ଦୁର୍ନୀତି, ଅନିୟମିତତା ତଥା ବୋର୍ଡ କର୍ତ୍ତୃପକ୍ଷଙ୍କ ତରଫରୁ ଠିକା ସଂସ୍ଥା ଏଲ୍‌ଆଣ୍ଡଟି କମ୍ପାନୀ ବେଆଇନ୍ ଭାବେ ଯୋଗାଇ ଦିଆଯାଉଥିବା ସୁବିଧା ସମ୍ପର୍କରେ ଜିଲ୍ଲା କଂଗ୍ରେସ ତରଫରୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମର କମିଶନର ଡ.ଶୁଭଙ୍କର ମହାପାତ୍ରଙ୍କୁ ସାକ୍ଷାତ କରି ସମସ୍ତ ବିଷୟ ଅବଗତ କରାଯାଇଛି । ପ୍ରାୟ ୩୪୮ କୋଟି ଟଙ୍କା ବ୍ୟୟ ମୁରୀରେ ଗତ ୨୦୧୭ ମସିହାରେ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇ ୨୦୨୦ ଜାନୁୟାରୀ ସୁଦ୍ଧା କାର୍ଯ୍ୟ ସାରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲେ ହେଁ ଅଦ୍ୟାବଧି ତାହା ସମ୍ପୂର୍ଣ୍ଣ ହୋଇ ନାହିଁ । ଯେଉଁ କାର୍ଯ୍ୟ ହାତକୁ ନିଆଯାଇଛି ସେଥିରୁ ବର୍ତ୍ତମାନ ସୁଦ୍ଧା ୨୦ ପ୍ରତିଶତ ବାକି ଥିବାବେଳେ ଯେଉଁ କାମ କରାଯାଇଛି ତାହା ଅତ୍ୟ' ନିମ୍ନମାନର ହୋଇଥିବାରୁ ତାହା ସହରବାସୀଙ୍କ ପାଇଁ ସର୍ବଦା ସମସୟା ସୃଷ୍ଟି କରୁଛି ବୋଲି କଂଗ୍ରେସ ନେତୃବୃନ୍ଦ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦତ୍ତ ଏକ ସ୍ମାରକପତ୍ରରେ କୁହାଯାଇଛି ଯେ, ମୁଖ୍ୟମାର୍ଗର ତାରିଣୀ ମନ୍ଦର ଠାରୁ ରଘୁନାଥପାଲ୍ଲୀ ଥାନା ପର୍ଯ୍ୟ' ଓ ଏସ୍‌ଟିଆଇ ଓଭରବ୍ରିଜ ଠାରୁ ବିରଜାପାଲ୍ଲୀ ଓଭର ବ୍ରିଜ୍ ପର୍ଯ୍ୟ' ସ୍ୱରେଜ୍ ପାଇପ୍ ବିଛାଯାଇ ନାହିଁ । ସେହିପରି ଛେଣ୍ଡ ଭିଏସ୍‌ଏସ୍ ମାର୍କେଟ ଛକଠାରୁ ବିଏସ୍‌ଏନ୍‌ଏଲ ଛକ ପର୍ଯ୍ୟ' ଉଭୟ ପାର୍ଶ୍ୱରେ ମଧ୍ୟ ପାଇପ୍ ବିଛାଯାଇ ନାହିଁ । ମୂଳ ଡ୍ରଇଁରେ ପାଇପ୍ ବିଛାଇବା ବ୍ୟବସ୍ଥା ଥିଲେ ହେଁ କାହିଁକି ଏଠାରେ ପାଇପ୍ ବିଛାଯାଇ ନାହିଁ ଓ ଏ ବାବଦ ଅର୍ଥ କୁଆଡେ ଗଲା ତାହା ଅନୁଧ୍ୟାନ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ସେହିପରି ଯେଉଁ ପାଇପ୍ ବିଛା କାର୍ଯ୍ୟ କରାଯାଇଛି ଏଥିରେ ଆବଶ୍ୟକୀୟ ଗ୍ରାନାଇଟ୍ ପଥର ଚିପ୍‌ସ ଓ ଆବଶ୍ୟକୀୟ ବାଲି ଭର୍ତ୍ତି କରାଯାଇନଥିବାରୁ ବିଭିନ୍ନ ସ୍ଥାନରେ ରାସ୍ତା ଦବିଯାଉଥିବା ଦେଖାଯାଉଛି । ଯାହାର ଉଦାହରଣ ହେଉଛି ଜୋଲ୍ ରୋଡ୍, ଛେଣ୍ଡ ମୁଖ୍ୟମାର୍ଗ, ଆଇଟିଆଇ କଳିଙ୍ଗ ବିହାର ରାସ୍ତା, ବାସ'ୀ ପାଣି ଟାଙ୍କି ରାସ୍ତା ଇତ୍ୟାଦି । ଅତ୍ୟ' ନିମ୍ନମାନର କାର୍ଯ୍ୟ କରାଯାଇ ପାଇପ୍ ଲାଇନର ମେନ୍ ହୋଲ ନିର୍ମାଣ କରାଯାଇଥିବାରୁ ସେଗୁଡିକ କେଉଁଠି ରାସ୍ତା ଉପରେ ତ ଆଉ କେଉଁଠି ରାସ୍ତା ତଳେ ରହିଛି । ଫଳରେ ପ୍ରତିଦିନ ଛୋଟବଡ ଦୁର୍ଘଟଣାର କାରଣ ସାଜୁଛି । ପାଇପ୍ ବିଛା କାର୍ଯ୍ୟ ପରେ ରାସ୍ତା ନିର୍ମାଣ କରି ୫ ବର୍ଷ ପାଇଁ ମରାମତି ଓ ରକ୍ଷଣାବେକ୍ଷଣର ଦାୟିତ୍ୱ ଠିକା ସଂସ୍ଥା ଏଲ୍‌ଆଣ୍ଡଟି କମ୍ପାନୀର ହୋଇଥିବା ବେଳେ ସମ୍ପ୍ରତି ଦବିଯାଉଥିବା ଓ ଭୁଷୁଡି ପଡୁଥିବା ରାସ୍ତାଗୁଡିକୁ କାହିଁକି ଆର୍‌ଏମ୍‌ସି ନିର୍ମାଣ କରୁଛି ବୋଲି ଦଳ ତରଫରୁ ପ୍ରଶ୍ନ କରାଯାଇ ଏହାର ଅନଧ୍ୟାନ କରିବାକୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି । ଛେଣ୍ଡ ବାଗୁଡି ବସ୍ତି ଓ ବ୍ୟାଙ୍କ କଲୋନୀରେ ସ୍ୱରେଜ୍ ପାଇପ୍ ବିଛାଇବା ପାଇଁ ମୂଳ ଡ୍ରଇଁରେ ବ୍ୟବସ୍ଥା ନଥିବା ବେଳେ ଏ ଅଞ୍ଚଳରେ ପ୍ରାୟ ୩୦ ଲକ୍ଷ ଟଙ୍କାର ପାଇପ୍ ବିଛାଯାଇ ପରିତ୍ୟକ୍ତ ଅବସ୍ଥାରେ ଛାଡି ଦିଆଯାଇଛି । ଏହି ପାଇପ୍ ଲାଇନ୍‌କୁ କୌଣସି ମୁଖ୍ୟ ପାଇପ୍ ଲାଇନ୍ ସହିତ ସଂଯୋଗ କରାଯାଇନଥିବାରୁ ଏହି ପାଇପ୍ ବିଛା କାର୍ଯ୍ୟ ନଷ୍ଟ ହେବା ସହିତ ଏ ବାବଦରେ ବୋର୍ଡର ବିପୁଳ ଅର୍ଥ ନଷ୍ଟ ହେବାକୁ ଯାଉଥିବା ଏହାର ଆବଶ୍ୟକୀୟ ଅନୁଧ୍ୟାନ ପାଇଁ ଅନୁରୋଧ କରାଯାଇଛି । ଅପରପକ୍ଷରେ ଉକ୍ତ ଅଞ୍ଚଳରେ ପାଇପ୍ ବିଛା ବାବଦକୁ ଗୁଡାଏ ମିଥ୍ୟା ବିଲ୍ ପ୍ରସ୍ତୁତ କରାଯାଇ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ କରାଯାଇଥିବା କଂଗ୍ରେସ ତରଫରୁ ଅଭିଯୋଗ କରାଯାଇଛି । ପ୍ରତ୍ୟେକ ବାସଗୃହକୁ ସ୍ୱରେଜ୍ ସଯୋଗୀକରଣ ପାଇଁ ସରକାର କିଛି ନିର୍ଦ୍ଦେଶନାମା ଜାରି କରିନଥିବା ବେଳେ ସ୍ଥାନୀୟ ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ତାଙ୍କର କିଛି ପୋଷା ଠିକାଦାର ମାଧ୍ୟମରେ ବେଆଇନ୍ ଭାବେ ସ୍ୱରେଜ୍ ସଂଯୋଗୀକରଣ ପାଇଁ ଘର ପିଛା ୨୫ରୁ ୪୦ ହଜାର ଟଙ୍କା ଆଦାୟ କରୁଛନ୍ତି । ତେଣୁ ଏହା ମଧ୍ୟ ଅନୁଧ୍ୟାନ ସାପେକ୍ଷ ବୋଲି କଂଗ୍ରେସ ତରଫରୁ କୁହାଯାଇଛି । ସେହିପରି ବୋର୍ଡ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ମିତ ସ୍ୱରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପରିସରରେ ଏଲ୍‌ଆଣ୍ଡଟି କମ୍ପାନୀ ୨ ବର୍ଷ ହେଲା ନିଜ କାର୍ଯ୍ୟାଳୟ ଚଲାଉଥିବା ବେଳେ ୨ଟି କୋଠାକୁ ତାର କର୍ମଚାରୀଙ୍କ ପାଇଁ ଅତିଥି ଭବନ ଭାବେ ବ୍ୟବହାର କରୁଛ । ଏହାର ଭଡା ବାବଦକୁ ଟଙ୍କାଟିଏ ଏଲ୍‌ଆଣ୍ଡଟି କମ୍ପାନୀର ବିଲ୍‌ରୁ କଟାଯାଉନଥିବା ବେଳେ କୋଠାରେ ପାଣି ଓ ବିଜୁଳି ବିଲ୍ ବାବଦକୁ ମାସିକ ଲକ୍ଷାଧିକ ଟଙ୍କା ବୋର୍ଡ କର୍ତ୍ତୃପକ୍ଷ ଭରଣା କରୁଛନ୍ତି । ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ଏଲ୍‌ଆଣ୍ଡଟି କମ୍ପାନୀ ପ୍ରତି କାହିଁକି ଏପରି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନୀ କରୁଛନ୍ତି ତାହା ତଦ' ସାପେକ୍ଷ ବୋଲି ସ୍ମାରକପତ୍ରରେ କୁହାଯାଇଛି । ତେବେ ସ୍ୱରେଜ୍ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ତଦାରଖ ପାଇଁ ରାଜ୍ୟ ସରକାର ସିଙ୍ଗାପୁରର ମେନ୍‌ହରଡାଟ୍ ପ୍ରାଇଭେଟ୍ କମ୍ପାନୀକୁ ୩୪ କୋଟି ଟଙ୍କାରେ ଚୁକ୍ତିବଦ୍ଧ କରିଥିବା ବେଳେ ଉକ୍ତ ସଂସ୍ଥା କ'ଣ ତଦାରଖ କରି କି ରିପୋର୍ଟ ଦେଇଛି ଓ କେତେ ଅର୍ଥ ସେ ବାବଦରେ ସରକାରଙ୍କ ଠାରୁ ନେଇଛି ତାହା ତଦ' ସାପେକ୍ଷ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ସମ୍ପ୍ରତି କାର୍ଯ୍ୟ ଅଧପ'ରିଆ ଅବସ୍ଥାରେ ଥିବାବେଳେ ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ଏଲ୍‌ଆଣ୍ଡଟି କମ୍ପାନୀକୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ପ୍ରମାଣପତ୍ର ଦେବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି । ତେଣୁ ଏହି ଘଟଣାରେ ଅତିରିକ୍ତ ଜିଲ୍ଲାପାଳ ହସ୍ତକ୍ଷେପ କରି ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟ' ପ୍ରକଳ୍ପର ହସ୍ତା'ର ପ୍ରକ୍ରିୟା ବନ୍ଦ ରଖିବାକୁ ସ୍ମାରକପତ୍ରରେ କଂଗ୍ରେସ ତରଫରୁ ଉଲ୍ଲେଖ କରାଯାଇଛି । ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ତଥା ରାଉରକେଲାର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ବରିଷ୍ଠ ଉପସଭାପତି ଦେବବ୍ରତ ବିହାରୀ, ଅନ୍ୟତମ ଉପସଭାପତି ସ'ୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ, ଲିଗାଲ ସେଲ୍ ଅଧ୍ୟକ୍ଷ ବିସ୍ମୟ ଦାସ, ଅସଙ୍ଗଠିତ ଶ୍ରମିକ କଂଗ୍ରେସ ଅଧ୍ୟକ୍ଷ ନିହାର ଦାସ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ, ମୁଖପାତ୍ର କୈଳାସ ସାହୁ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ପୂର୍ବତନ ବ୍ଲକ୍ ସଭାପତି ବିନୋଦ ବିହାରୀ ପଟ୍ଟନାୟକ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ତୁଳସୀ ନାଗ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର, ଦିଲ୍ଲୀପ ଜେନା, ସେବାଦଳର ବୁଲୁ ଦାସ, ନରେନ୍ଦ୍ର ବର୍ମା ପ୍ରମୁଖ ଉପସ୍ଥିତ ରହି ସ୍ମାରକପତ୍ର ପ୍ରଦାନ ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

# ଉଜ୍ଜ୍ୱଳ ତାରକାର ଦୁଃଖଦ ଅବସାନ

ଭୁବନେଶ୍ୱର (ପିଏନ୍): ବିଶିଷ୍ଟ ଯୁବ ବୈଜ୍ଞାନିକ ତଥା ଗବେଷକ ଡାକ୍ତର ସୁଜିତ କୁମାର ମହାନ୍ତି ଦୀର୍ଘଦିନ ଧରି ଫୁସ୍‌ଫୁସ୍ ଜନିତ କ୍ୟାନସର୍ ରୋଗରେ ଆକ୍ରାନ୍ତ ହୋଇ ଗତ ଅପ୍ରେଲ ୮ ତାରିଖ ରାତିରେ ଏକ ଘରୋଇ ହସ୍ପିଟାଲ୍‌ରେ ଇହଲୀଳା ସମ୍ବରଣ କରିଛନ୍ତି । ଡକ୍ଟର ସୁଜିତ ମହାନ୍ତି ହେଉଛନ୍ତି ବିଶିଷ୍ଟ ଆଇନଜୀବୀ ତଥା ସମାଜସେବୀ ସୁଧୀର ମହାନ୍ତିଙ୍କ ଦ୍ୱିତୀୟ ପୁତ୍ର । ସୁଜିତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ କୃତିତ୍ୱର ସହ ବାୟୋ-ଟେକ୍ନୋଲୋଜିରେ ପାସ୍ କରିବା ପରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କେମିକାଲ୍ ଟେକ୍ନୋଲୋଜି, ହାଇଦ୍ରାବାଦରେ ଅଧ୍ୟୟନ କରି ସେଠାରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ କରିଥିଲେ । ତା'ପରେ ସେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସ, ବାଙ୍ଗାଲୋରରେ ପଢୁଥିବା ସମୟରେ ବିଭିନ୍ନ ବୈଜ୍ଞାନିକମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସମ୍ପୂର୍ଣ୍ଣ ଛାତ୍ରବୃତ୍ତି ପାଇ ଉଚ୍ଚଶିକ୍ଷା ହାସଲ କରିବାକୁ ଆମେରିକା ଯାଇଥିଲେ । ସେଠାରେ ଆଇ.ଓ.ଡବ୍ଲ୍ୟୁ.ଏ. ୟୁନିଭରସିଟିରେ ବାୟୋକେମିକାଲ୍ ଇଞ୍ଜିନିୟରିଂରେ ପାସ୍ କରିବା ସଙ୍ଗେସଙ୍ଗେ ପି.ଏଚ୍‌ଡି. ହାସଲ କରିଥିଲେ । ଏହାପରେ ଏକ ବେସରକାରୀ କମ୍ପାନୀରେ କାମ କରି ଗବେଷଣା କରିଥିଲେ । ତାପରେ ପୋଷ୍ଟ ଡକ୍ଟରେଟ୍ କରିବା ସମୟରେ ଆମେରିକାର ବିଶିଷ୍ଟ ଓଡ଼ିଆ ଶିଳ୍ପପତି ଡାକ୍ତର ଶୀତିକଣ୍ଠ ଦାସଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ନିଜ ରାଜ୍ୟରେ ଶିଳ୍ପର ବିକାଶ ପାଇଁ କାର୍ଯ୍ୟ କରିବା ପାଇଁ ୨୦୧୯ ମସିହାରେ ଓଡ଼ିଶା ଫେରି ଆସିଥିଲେ । ଭୁବନେଶ୍ୱରରେ ସ୍ୱାଲୋକମ ବାଇଅଭେଞ୍ଚର୍ କମ୍ପାନୀ ଗଠନ କରି କାର୍ଯ୍ୟ ଆରମ୍ଭ କରିବା ସମୟରେ ଦୁଇଥର କୋରୋନାରେ ଆକ୍ରାନ୍ତ ହୋଇଥିଲେ । ଆରୋଗ୍ୟ ଲାଭ କରିଥିଲେ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ କ୍ୟାନ୍‌ସର୍‌ରେ ଆକ୍ରାନ୍ତ ହୋଇଥିଲେ । ଟାଟା ମେମୋରିଆଲ୍ ହସ୍ପିଟାଲ୍‌ରେ ଚିକିତ୍ସିତ ହୋଇଥିଲେ ମଧ୍ୟ ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ବିଶେଷ ଅଗ୍ରଗତି ପରିଲକ୍ଷିତ ହୋଇ ନଥିଲା । ଭୁବନେଶ୍ୱରରେ ସମ୍ ହସ୍ପିଟାଲ୍‌ରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିଲା । ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ମାତା ରଞ୍ଜିତା ମହାନ୍ତି, ବଡ଼ଭାଇ ଡାକ୍ତର ସୁବ୍ରତ ମହାନ୍ତି, ଭାଉଜ ଲଭଲିନ୍ ମହାନ୍ତି, ସାନଭାଇ ଡକ୍ଟର ସନ୍ଦୀପ ମହାନ୍ତି, ଭାଇବୋହୂ ଡଃ ପ୍ରିୟଙ୍କା ମହାନ୍ତି ଉପସ୍ଥିତ ଥିଲେ ।

# ଓଡ଼ିଶାରେ ଯୁବ କଂଗ୍ରେସ ପକ୍ଷରୁ ୟଙ୍ଗ୍ ଇଣ୍ଡିଆ କେ ବୋଲ୍ ସିଜିନ-୨ ଶୁଭାରମ୍ଭ

ଭୁବନେଶ୍ୱର (ପିଏନ୍): ଯୁବ କଂଗ୍ରେସ ପକ୍ଷରୁ ରାଷ୍ଟ୍ରୀୟ ଓ ରାଜ୍ୟସ୍ତରୀୟ ଯୁବ ପ୍ରବକ୍ତା ସଂଗ୍ରହ ନିମନ୍ତେ ଭୂବନେଶ୍ୱରରେ 'ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨' ଅଭିଯାନ ଶୁଭାରମ୍ଭ ହୋଇଛି । କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଂଜନ ଲେଙ୍କା, ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨ର ଓଡ଼ିଶା ପ୍ରଭାରୀ ନମ୍ରତା ସୋନୀ, ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରବକ୍ତା ତଥା ଓଡ଼ିଶା ସହ ପ୍ରଭାରୀ ଜାବେଦ ଖାନଙ୍କ ସମେତ ଯୁବ କଂଗ୍ରେସର ଅନ୍ୟ ପ୍ରଦେଶ ପଦାଧିକାରୀମାନେ ଉପସ୍ଥିତ ରହି ଅଭିଯାନର ଶୁଭାରମ୍ଭ କରିଥିଲେ ।

ଏହି ଅବସରରେ ପ୍ରଭାରୀ ନମ୍ରତା ସୋନୀ କହିଲେ ଯେ ୟଙ୍ଗ ଇଣ୍ଡିଆ କେ ବୋଲ ହେଉଛି ଏଭଳି ଏକ କାର୍ଯ୍ୟକ୍ରମ, ଯାହା ମାଧ୍ୟମରେ ଯୁବବର୍ଗ ନିଜ ଅଂଚଳଠାରୁ ଆରମ୍ଭ କରି ଜାତୀୟସ୍ତରୀୟ ବିଭିନ୍ନ ପ୍ରସଙ୍ଗ ଉପରେ ନିଜର ଦୃଢ଼ ମତ ଉପସ୍ଥାପନ କରିବାର ସୁଯୋଗ ପାଇପାରିବେ । ଏହି ପ୍ରକ୍ରିୟା ପାଇଁ ଏକ ଗୁଗୁଲ ଫର୍ମ ଜାରି କରାଯାଇଛି, ଯାହାକି ମେ ୩୧ ସୁଦ୍ଧା ପୂରଣ କରାଯାଇପାରିବ । ଦ୍ୱିତୀୟ ପର୍ଯ୍ୟାୟରେ ଏହି ଅଂଶଗ୍ରହଣକାରୀମାନଙ୍କୁ ନେଇ ଜିଲ୍ଲାସ୍ତରରେ ବିଭିନ୍ନ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯିବ । ଏଥିରେ କୃତୀ ପ୍ରତିଯୋଗୀ ପରେ ରାଜ୍ୟସ୍ତରୀୟ ଏବଂ ବିଭିନ୍ନ ରାଜ୍ୟରୁ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ, ଯାହାକି ଆସନ୍ତା ଅକ୍ଟୋବର ମାସରେ ଅନୁଷ୍ଠିତ ହେବ ।

ସହ ପ୍ରଭାରୀ ଜାବେଦ ଖାନ ସୂଚନା ଦେଇ କହିଲେ ଯେ ସାରା ଦେଶରେ ଯୁବ ପ୍ରତିଭା ଓ ସାହସୀ ଯୁବବର୍ଗଙ୍କୁ ଖୋଜି ବାହାର କରିବା ନିମନ୍ତେ ରାହୁଲ ଗାନ୍ଧିଙ୍କ ଅଭିନବ ପରିକଳ୍ପନା ସ୍ୱରୂପ ୟଙ୍ଗ ଇଣ୍ଡିଆ କେ ବୋଲ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । ୨୦୨୧ରେ ଭାରତୀୟ ଯୁବ କଂଗ୍ରେସ ପକ୍ଷରୁ ୟଙ୍ଗ ଇଣ୍ଡିଆ କେ ବୋଲ କାର୍ଯ୍ୟକ୍ରମ ମାଧ୍ୟମରେ ୨୭ଜଣ ରାଷ୍ଟ୍ରୀୟ ପ୍ରବକ୍ତା ଓ ୨୫୦ରୁ ଊର୍ଦ୍ଧ୍ୱ ପ୍ରଦେଶସ୍ତରୀୟ ପ୍ରବକ୍ତାଙ୍କୁ ଚୟନ କରାଯାଇଥିଲା । ରାହୁଲ ଗାନ୍ଧିଙ୍କ ଏହି ପରିକଳ୍ପନାକୁ ପୁଣି ଥରେ ସାକାର କରିବା ନିମନ୍ତେ ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରଭାରୀ କ୍ରିଷ୍ଣା ଆଲାବାରୁଙ୍କ ମାର୍ଗ ଦର୍ଶନ ତଥା ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ବି.ଭି ଶ୍ରୀନିବାସଙ୍କ ନେତୃତ୍ୱରେ ଦେଶବ୍ୟାପୀ ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨ ଆରମ୍ଭ ହୋଇଛି । ଗତ ୨୬ ମାର୍ଚ୍ଚରୁ ଯୁବ କଂଗ୍ରେସ ରାଷ୍ଟ୍ରୀୟ କାର୍ଯ୍ୟାଳୟଠାରେ ଉଦ୍‌ଘାଟିତ ହୋଇଥିବା ଏହି ଅଭିଯାନ ବିଭିନ୍ନ ରାଜ୍ୟରେ କରାଯାଉଛି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସମ୍ପାଦକ ଜ୍ଞାନ ରନ ରାଉତ, ବୀରେନ କୁମାର ଦଳେଇ, ଆଶୁତୋଷ ଲେଙ୍କା, ଶ୍ରୀବତ୍ସ ରଥ, ମନିଷା ଦାଶ ପଟ୍ଟନାୟକ, ରାକେଶ ଦାସ, ରିତୁଲ ମହାରଣା, ସୌମ୍ୟରଂଜନ ମିଶ୍ର, ଅକ୍ଷୟ କୁମାର ମଲ୍ଲ, ହରିଶଙ୍କର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବୈଠକ

ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାରେ ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବୈଠକ ସଭାପତି ଅଗାଧୁ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସରକାରଙ୍କ ଶିକ୍ଷା ଓ ଶିକ୍ଷକ ମାରଣ ନୀତିକୁ ତୀବ୍ର ସମାଲୋଚନା କରିବା ସହ ଦୀର୍ଘ ୬ ବର୍ଷ ଧରି ସରକାରଙ୍କ ପକ୍ଷରୁ ଏ ପର୍ଯ୍ୟନ୍ତ ନୂତନ ଶିକ୍ଷକ ନିଯୁକ୍ତି କରି ନାହାନ୍ତି । ଫଳରେ ବହୁ ଶିକ୍ଷକ ପଦବୀ ଖାଲି ପଡିଥିବାବେଳେ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇପଡିଛି । ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁଁ ଗୁଣାତ୍ମକ ମାନ ବୃଦ୍ଧି ପାଇନାହିଁ ବୋଲି ସଂଘ ଅଭିଯୋଗ କରିଛି । ତେବେ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟାରୁ ଶିକ୍ଷା ଅଧିକାରୀମାନେ ସମାଧାନ କରିପାରି ନାହାନ୍ତି । ସମସ୍ତ ଜିଲ୍ଲାର ଶିକ୍ଷକଙ୍କ ପଦୋନ୍ନତି ଦିଆଯାଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରେ ଲେବୁଲ୫(କ)ରୁ ୫(ଖ)ରୁ ଲେବୁଲ ୪କୁ ପଦୋନ୍ନତି କରାଯାଉନାହିଁ । ଶିକ୍ଷକମାନଙ୍କୁ ନିଜ ବ୍ଲକକୁ ବଦଳି କରିବା, ବେଗୁନିଆ ବ୍ଲକର ଯେଉଁ ଶିକ୍ଷକମାନଙ୍କର ୧୦ ବର୍ଷ ପୂରଣ ହୋଇଛି ସେମାନଙ୍କୁ ଏମଏସପି ସୁବିଧା ଦେବା, ମାସର ପ୍ରଥମ ଦିନର ଦରମା ପ୍ରଦାନ କରିବା ଓ ଶିକ୍ଷକମାନଙ୍କୁ ଡିଆଇସି ପାସ ବୁକ ପ୍ରଦାନ କରାଯାଉ ନଥିବାରୁ ନେତୃବୃନ୍ଦ ଅସନ୍ତୋଷ ପ୍ରକାଶ କରିଥିଲେ । ଏହା ସବୁ ଜ୍ଞାତସାରରେ ଶିକ୍ଷାଧିକାରୀମାନେ ଶିକ୍ଷକମାନଙ୍କର ନ୍ୟାୟୋଚିତ ଦାବୀକୁ କାର୍ଯ୍ୟ କରୁ ନଥିବାରୁ ସେମାନଙ୍କ ବିରୁଦ୍ଧାଚରଣ କରି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତି ନିଆ ଯାଇଥିଲା । ଜଣେ ୩୫ ବର୍ଷ ଧରି ଶିକ୍ଷକତା କରି ସାରି ଅବସର ଗ୍ରହଣ ପରେ ଖାଲି ହାତରେ ଫେରିବାକୁ ପଡୁଥିବା ବେଳେ ପୁରୁଣା ପେନସନକୁ ପୁନର୍ବାର ପ୍ରଚଳନ କରିବାକୁ ଦାବୀ କରାଯାଇଥିଲା ଗ୍ରୀଷ୍ମ ଛୁଟିରେ ବ୍ରିଜ କୋର୍ସ ପାଇଁ ପାଇଁ ନିର୍ଦ୍ଧାରଣ କରାଯାଇ ସମୟକୁ ପରିବର୍ତନ କରିବାକୁ ସଂଘ ପକ୍ଷରୁ ଦାବୀ ହୋଇଛି । ପୂର୍ବାହ୍ନ ୬ ଘଟିକାରୁ ୯ ଘଟିକା ପରିବର୍ତେ ପୂର୍ବାହ୍ନ ସାଢେ ୬ ଟାରୁ ପୂର୍ବାହ୍ନ ୯ ଘଟିକା ପର୍ଯ୍ୟନ୍ତ କରିବାକୁ ଦାବୀ କରାଯାଇଥିଲା । ବ୍ଲକର ସଂଘ ଓ ଜିଲ୍ଲା ସଂଘକୁ ପୁନଃ ଗଠନ କରିବାକୁ ନିଷ୍ପତି ହୋଇଥିଲା । ପୁରୁଣା ପେନସନ ବ୍ୟବସ୍ଥା, ଗ୍ରେଡ ପେ ବୃଦ୍ଧି ଓ ୬ ବର୍ଷ ଠିକା କାର୍ଯ୍ୟ କଲା ପରେ ମୂଳ ଚାକିରୀରେ ଗଣନା କରିବା ଦାବୀରେ ପ୍ରାଥମିକ ବିଦ୍ୟାଳୟ ସଂଘ ଖୋର୍ଦ୍ଧା ଜିଲ୍ଲା ଆନ୍ଦୋଳନକୁ ଓହ୍ଲାଇବ ବୋଲି ନିଷ୍ପତି ହୋଇଥିଲା । ଏଥିରେ ରାଜ୍ୟ ସଂଘର ସାଧାରଣ ସମ୍ପାଦକ ବିଭୂପ୍ରସାଦ ସାହୁ, କୋଷାଧ୍ୟକ୍ଷ ଗୋପାଳ କିଶୋର ସେନ, ରାଜ୍ୟ ଉପଦେଷ୍ଟା ପ୍ରସନ୍ନ କୁମାର ଜେନା ଓ ସୁଶାନ୍ତ ମଲିକ ପ୍ରମୁଖ ଯୋଗଦେଇଥିଲେ ।

## ନନ୍ଦରା ଗ୍ରାମ ନିକଟରେ ଓଲଟିଲା ଆମ୍ବୁଲାନ୍ସ



ଭଗାମୁଣ୍ଡା (ପିଏନ୍): ହରିଚନ୍ଦନପୁର ଥାନା ଅନ୍ତର୍ଗତ ଖରବା ଗ୍ରାମର ପନ୍ଦନ ଜୁଆଙ୍ଗଙ୍କ ପତ୍ନୀ କମଳା ଜୁଆଙ୍ଗଙ୍କ ଏକ ଶିଶୁ ପୁତ୍ର ଜନ୍ମ ହୋଇଥିବାରୁ ଆଶା କର୍ମୀ ଉଭୟ ମା' ଓ ଶିଶୁପୁତ୍ରକୁ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ହରିଚନ୍ଦନପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ୍ବୁଲାନ୍ସ ଯୋଗେ ଆଣୁଥିଲେ । ଏହି ସମୟରେ ନନ୍ଦରା ଗ୍ରାମ ନିକଟରେ ସମ୍ମୁଖରୁ ଆସୁଥିବା ଏକ ବାଇକ୍ ଚାଳକଙ୍କୁ ବଞ୍ଚାଇବାକୁ ଯାଇ ଆମ୍ବୁଲାନ୍ସ ଡ୍ରାଇଭର ଭାରସାମ୍ୟ ହରାଇବାରୁ ଆମ୍ବୁଲାନ୍ସଟି ଓଲଟି ପଡିଥିଲା । ସୌଭାଗ୍ୟବଶତଃ ମା' ଏବଂ ନବଜାତ ଶିଶୁ ସହିତ କାହାର କିଛି କ୍ଷତି ଘଟି ନ ଥିବା ବେଳେ ଅନ୍ୟ ଏକ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ସେମାନଙ୍କୁ ଅଣାଯାଇଥିବା ଜଣାପଡିଛି ।

# ଲେଖକ ସମବାୟ ସମିତିର ରାଜ୍ୟସ୍ତରୀୟ କବିତା ପାଠ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ଲେଖକ ସମବାୟ ସମିତିର ଦଶମ ବାର୍ଷିକ ସାରସ୍ୱତ ସମାରୋହ ଅବସରରେ ଏକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହର ପ୍ରଥର ପର୍ଯ୍ୟାୟରେ ଅନୁଷ୍ଠିତ ଆସରକୁ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ପାଲାକାର ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ମଞ୍ଚାସୀନ ଅତିଥି ମାନଙ୍କ ମଧ୍ୟରେ ଅନ୍ୱେସା ସାହିତ୍ୟ ସଂସଦର ସଭାପତି ସୁରେନ୍ଦ୍ର କୁମାର ବେହେରା, କୁଶଳେଶ୍ୱର ସାହିତ୍ୟ ସଂସଦର ଉପସଭାପତି ମଙ୍ଗୁଳି ଚରଣ ପୃଷ୍ଟି, ସମ୍ବାଦ ସାହିତ୍ୟ ଘର ହାଟଡିହୀର ସଭାପତି ଅନ୍ତର୍ଯ୍ୟାମୀ ରାଉତ ଏବଂ ବଉଳା ସାହିତ୍ୟ ସଂସଦର କର୍ମକର୍ତ୍ତା ଅଧ୍ୟାପକ ସୁବାସ ପାତ୍ର, ଶ୍ରୀକାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସାହିତ୍ୟରେ କବିତାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ରତ୍ନାକର ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ଭବ୍ୟ କବିତା ପାଠରେ ଯାଜପୁର, ଭଦ୍ରକ, କଟକ, ବାଲେଶ୍ୱର ଓ ମୟୁରଭଂଜ ଅଂଚଳର କବିମାନେ ସେମାନଙ୍କର ସ୍ୱରଚିତ କବିତା ଆବୃତି କରିଥିଲେ । ଆନନ୍ଦପୁର ଅଂଚଳର କବିମାନଙ୍କ ମଧ୍ୟରେ ଧୁମକେତୁ ଦାସ, ଅର୍ଜୁନ ବେହେରା, ମୁରଲୀଧର ବେହେରା, ଉମାକାନ୍ତ ଜେନା, ନରହରି ରାଉତ, ବନମାଳୀ ଜେନା, ଅଭୟ ସାମଲ, ବାମନ ବେହେରା, ସୁଦାମ ଚରଣ ଜେନା, ସୁରେନ୍ଦ୍ର କୁମାର ପରିଡା, ଦଶରଥ ସାହୁ, ରାମଚନ୍ଦ୍ର ଜେନା, ନିରନ ସାହୁ, ଗୋବର୍ଦ୍ଧନ ନାୟକ, ବୈଲୋଚନ ସାହୁ, ଜ୍ୟୋସ୍ନା ଦାସ, ମାଳତୀ ପଣ୍ଡା, କୀର୍ତ୍ତନ ସାହୁ, ରଘୁନାଥ ପଣ୍ଡିତ ପ୍ରମୁଖ କବିମାନେ କବିତା ଆବୃତ୍ତି କରିଥିଲେ । ପ୍ରଥମରେ ଛାତ୍ରୀ ସୁଦେସ୍ନା ସାହୁ ଆବାହନୀ ସଙ୍ଗୀତ ଗାନ କରିଥିଲେ ଓ ଅନୀଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ପଂଚାୟତରେ କଳାକନା ବୁଲାଇଲେ ଲୁଟେରା, ଲୁଟିନେଲେ ଲକ୍ଷାଧିକ ଟଙ୍କାର ସାମଗ୍ରୀ

ହରିଚନ୍ଦନପୁର, (ପି.ଏନ): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନା ଅଂଚଳରେ ମାତିଛନ୍ତି ଲୁଟେରା। ପଂଚାୟତ କାର୍ଯ୍ୟାଳୟ ତାଲା ଭାଙ୍ଗି ଲୁଟିନେଲେ ଲକ୍ଷାଧିକ ଟଙ୍କାର କମ୍ପୁଟର ସାମଗ୍ରୀ ।ଖବର ଅନୁଯାୟୀ, ଗତ ବୁଧବାର ବିଳମ୍ବିତ ରାତିରେ ଜାମୁଯୋଡ଼ି ଗ୍ରାମପଂଚାୟତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରୁ ବଡଧରଣର ଚୋରି ହୋଇଛି । ଗୁରୁବାର ସକାଳେ ସରପଂଚ କୌଶଲ୍ୟା ନାୟକ ଏହା ଜାଣିବା ପରେ ହରିଚନ୍ଦନପୁର ଥାନାଧିକାରୀ ଓ ବିଡ଼ିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଲୁଟେରା ମାନେ ରାଜୀବ ଗାନ୍ଧୀ ସେବା କେନ୍ଦ୍ରର ତାଲା ଭାଙ୍ଗି ଗ୍ରାମ ରୋଜଗାର ସେବକଙ୍କ କାର୍ଯ୍ୟାଳୟରୁ ୩ଟି ପ୍ରିଂଟର, ୨ଟି ବ୍ୟାଟେରୀ, ୧ଟି ଇନଭର୍ଟର ଚୋରି ହୋଇଛି । ଉକ୍ତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରକୁ ଲାଗିଥିବା ସାମାଜିକ ଶିକ୍ଷା ସାଧନ କେନ୍ଦ୍ରର ତାଲା ଭାଙ୍ଗି ୨ଟି ବ୍ୟାଟେରୀ, ୧ଟି ଇନଭେଟର, ୨ଟି ମନିଟର, ୧ଟି ସିପିୟୁ, ୨ଟି ୟୁପିଏସ ଏବଂ ୭ ଟି କିବୋର୍ଡ଼ ଚୋରି ହୋଇଛି । ଏଥିସହ ବିଭିନ୍ନ କମ୍ପ୍ୟୁଟର ସାମଗ୍ରୀ ଭଙ୍ଗାରୁଜା ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ଠିକ୍ ସେହିପରି ସାମାଜିକ ଶିକ୍ଷା ସାଧନ କେନ୍ଦ୍ର କମିଟି ତରଫରୁ ସମାନ ଘଟଣାକୁ ନେଇ ଥାନାରେ ଅଭିଯୋଗ ହୋଇଛି ।ସୂଚନା ଅନୁଯାୟୀ ଜାମୁଯୋଡ଼ି ଗ୍ରାମ ପଂଚାୟତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଆସ୍ୱାୟାର ଓ ପଂଚାୟତ ମିଳିତ କ୍ରମେ ସାମାଜିକ ଶିକ୍ଷା ସାଧନ କେନ୍ଦ୍ର କରି ମାଗଣାରେ ପଂଚାୟତ ବାସୀଙ୍କୁ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରି ଆସୁଥିବା ବେଳେ କେହି ଦୁର୍ବୃତ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର କମ୍ପ୍ୟୁଟର ସାମଗ୍ରୀ ଲୁଟି ନେଇଥିବା ଜଣାପଡିଛି । ତେବେ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଠାରୁ କିଛି ଦୂରରେ ଦୁର୍ବୃତ ମାନେ କିଛି ସାମଗ୍ରୀ ଫୋପାଡ଼ି ଥିବା ଦେଖିବାକୁ ମିଳିଛି । ଅନ୍ୟପଟେ ତାଲା ଭାଙ୍ଗିବା ନିମନ୍ତେ ବ୍ୟବହାର ହୋଇଥିବା ଆରିପାତ, ଶାବଳ ଛାଡି ଦୁର୍ବୃତ ମାନେ ପଳାଇ ଥିବା ଦେଖିବାକୁ ମିଳିଛି । ଥାନାରେ ଦୁଇଟି ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଂଚି ପଡ଼ିଥିବା ଜିନିଷ ଗୁଡ଼ିକୁ ଜବତ କରି ତଦନ୍ତ ଆରମ୍ଭ କରିଛି । ତେବେ ଉକ୍ତ ଘଟଣାରେ ସ୍ଥାନୀୟ ଲୋକେ ସଂପୃକ୍ତ ଥିବା ସନ୍ଦେହ ସହ ସ୍ଥାନୀୟ ଅଂଚଳରେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି ।

## ଦାରିଙ୍ଗବାଡି ଅଂଚଳରେ ଭୂ-ସ୍ଖଳନ ପାଇଁ ପୂର୍ବ ସତର୍କତା

କନ୍ଧମାଳ, (ପି.ଏନ): ଆଗକୁ ପ୍ରବଳ ବର୍ଷା ସମ୍ଭାବନା ନେଇ ଜିଲ୍ଲା ପ୍ରଶାସନର ସତର୍କତା । ଆସନ୍ତା ୫ ଦିନ ଯାଏ ରାଜ୍ୟର ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଆଂଚଳିକ ପାଣିପାଗ କେନ୍ଦ୍ର ସତର୍କ କରାଇବା ସହିତ ପାହାଡ଼ିଆ ଅଂଚଳରେ ଭୂ-ସ୍ଖଳନ ହେବା ନେଇ ସତର୍କତା ଜାରି କରିଛନ୍ତି। ଦାରିଙ୍ଗବାଡ଼ି ବ୍ଲକ ଅଂଚଳରେ ଲଗାଣ ବର୍ଷା ଲାଗି ରହିଥିବା ବେଳେ ବ୍ଲକ ପ୍ରଶାସନ ତରଫରୁ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି। ଗତବର୍ଷ ଭୂ-ସ୍ଖଳନ ହୋଇଥିବା ତାମାଙ୍ଗି- କୁମ୍ଭାରୀପଦର ଭୂ-ସ୍ଖଳନ ଅଂଚଳକୁ ନିଷିଦ୍ଧାଚଂଳ ଘୋଷଣା କରାଯାଇଛି।ସୂଚନା ପ୍ରକାରେ ଦାରିଙ୍ଗବାଡି ବ୍ଲକ ଅନ୍ତର୍ଗତ ହାତିମୁଣ୍ଡା ପଂଚାୟତର କୁମ୍ଭାରୀପଦର ଗାଁ ମୁଣ୍ଡ ପାହାଡ଼ରେ ପ୍ରତିବର୍ଷ ଲଗାଣ ବର୍ଷାରେ ଭୂ-ସ୍ଖଳନ ଦେଖାଦେଉଥିବା ବିଷୟ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ସହ ଗ୍ରାମବାସୀ ମାନେ ଭୟଭୀତ ହୋଇ ବ୍ଲକ୍ ଓ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଖବର ପ୍ରସାରଣ ହେବା ପରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଭୂତତ୍ୱବିତ୍ ମାନେ ଆସି ଉକ୍ତ ଅଂଚଳର ମାଟି ନେଇ ପରୀକ୍ଷା ନିରୀକ୍ଷା କରିବା ପରେ ସେଠାକାର ଗ୍ରାମବାସୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରି ଥଇଥାନ ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ମଟର ଯାନ ଚଳାଇବା ସମୟରେ ଆବଶ୍ୟକ ନିୟମ ମାନିବା ନିମନ୍ତେ ବ୍ୟାପକ ସଚେତନ ଆବଶ୍ୟକ ସମ୍ବନ୍ଧେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଦାବୀ ପ୍ରଦାନ

ମାଲକାନଗିରି,(ପି.ଏନ): ଗତ ଦିନମାନଙ୍କରେ ମଟର ସାଇକଲ ଦୁର୍ଘଟଣା ଆମଜିଲ୍ଲାରେ ଅନେକ ମାତ୍ରାରେ ବୃଦ୍ଧି ହେବାରେ ଲାଗିଛି !ଅନେକ ମଟରଯାନ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ନାହିଁ !କମ୍ ବୟସର ଅନେକ ପୁଅ ଝିଅ ମଟରଯାନ ଚଳାଉଛନ୍ତି ! ଏ ବିଷୟରେ ବାପା, ମା ଓ ଅଭିଭାବକମାନେ ସଚେତନ ନୁହନ୍ତି, ପରିବାରର ସାଧାରଣ ଆବଶ୍ୟକତା ନିମନ୍ତେ ପିଲାମାନଙ୍କୁ ମଟର ସାଇକଲ ଦେଇ ମୂଖ୍ୟ ସଡକକୁ ପଠାଉଛନ୍ତି !ପ୍ରାୟତଃ ମଙ୍ଗଳବାର କୁ ବାଦ୍ ଦେଲେ ଅନ୍ୟ ଦିନରେ ଅନେକ ମଟରଚାଳକ ହେଲମେଟ୍ ବ୍ୟବହାର କରୁନାହାନ୍ତି !ଏଣୁ ଏହି ଚାଳକମାନଙ୍କୁ ଧରିବା, ସଚେତନ କରିବା ଓ ମୋଟାଅଙ୍କରେ ଜୋରିମାନା ଆଦାୟର ବ୍ୟବସ୍ଥା କରାଯାଉ !ଆମ ଜିଲ୍ଲାରେ ସିନିଅର୍ ରେଡ୍‌କ୍ରସ୍, ଆପଦର ମିତ୍ର, ଏନ୍.ଏସ୍.ଏସ୍, ସ୍କାଉଟ୍ ଓ ଏନ୍.ସି.ସି ଶିକ୍ଷାର୍ଥୀ ଅଛନ୍ତି, ଯଦି ଆମେ ସେମାନଙ୍କୁ ପୋଲିସ୍ ପ୍ରଶାସନସହ ସଡକ ଦୁର୍ଘଟଣା ବିଷୟରେ ସଚେତନ କାର୍ଯ୍ୟରେ ସାମିଲ୍ କରାଯାଉ ! ଏହି ପ୍ରକାର ବ୍ୟବସ୍ଥା ଆମରାଜ୍ୟର ଅନ୍ୟଜିଲ୍ଲାମାନଙ୍କରେ ଓ ଆମ ରାଜଧାନୀ ଭୁବନେଶ୍ୱରରେ ତଥା ନିକଟ ରାଜ୍ୟ ଆନ୍ଧ୍ର ପ୍ରଦେଶ୍ର ବିଭିନ୍ନ ସହରରେ ଟ୍ରାଫିକ୍ ଛକ ଓ ମଟରଯାନ ଯାଂଚ ସମୟରେ କାର୍ଯ୍ୟକାରୀ କରାଯାଉଛି ! ପ୍ରତ୍ୟେକ ଛୋଟ ସହର ଯେପରି କିଆଙ୍ଗ, ମହୁପଦର, ମାଥିଲି, ଗୋବିନ୍ଦପାଲି, ଖଇରପୁଟ୍, କୁଡୁମୁଲୁଗୁମ୍ମା, ସୋମନାଥପୁର, ବାଲିମେଳା, ମୁଦୁଲିପଡା, ଟନଲ୍ କ୍ୟାମ୍ପ, ଚିତ୍ରକୋଣ୍ଡା, ପପୁଲୁର, ସ୍ୱାଭିମାନ ଅଂଚଳ, ପାଙ୍ଗାମ୍, କୋତାମେଟା, ପାଣ୍ଡ୍ରିପାଣି, ପଦ୍ମଗିରି, କୋରକୁଣ୍ଡା, କାମ୍ୱେଡା, ନିଳାଦ୍ରିନଗର, ଭେଜାଙ୍ଗିୱାଡା, କାଳିମେଳା, ଏମ୍.ଭି -୭, ଗଙ୍ଗଲା, ସିମିଳିବାଞ୍ଚା, ଗମ୍ପାକୋଣ୍ଡା, ନିଲିଗୁଡା, ବାପନପାଲି, ପଟେରୁ, ଶିଖପାଲି, ପଡିଆ, ଏମ୍ .ଭି -୭୯, ଏମ୍. ଭି - ୭୨, ଏମ୍ .ଭି -୮୩, ଏମ୍ .ଭି - ୮୮, ମୋଟୁ ପରି ସମସ୍ତ ସ୍ଥାନ ମାନଙ୍କରେ ବିଶେଷକରି ହାଟ ଦିନରେ ସଚେତନ କାର୍ଯ୍ୟ କଲେ ଅନେକ ଲୋକ ମଟରଚାଳନା ବିଷୟରେ ସଚେତନ ହୋଇପାରନ୍ତେ। ସମସ୍ତ ଉଚ୍ଚ ବିଦ୍ୟାଳୟ, କେ.ଜି.ବି.ଭି, ଆଦର୍ଶ ବିଦ୍ୟାଳୟ, ଏକଲବ୍ୟ ବିଦ୍ୟାଳୟ ଓ ସମସ୍ତ ସରକାରୀ ବେସରକାରୀ ମହାବିଦ୍ୟାଳୟରେ ମଧ୍ୟ ଏହି ସଚେତନ କାର୍ଯ୍ୟ କରିବା ନିମନ୍ତେ ଯୋଜନା କରିବା ଉଚିତ୍ !ସମସ୍ତ ଜନପ୍ରତିନିଧି ମାନଙ୍କ ବୈଠକରେ ବ୍ଲକ୍ ଓ ଜିଲ୍ଲା ସ୍ତରରେ ସଡକ ସୁରକ୍ଷା ସଚେତନା ନିମନ୍ତେ କିଛି ସମୟ ରଖିବା ଦରକାର । ସମସ୍ତ ସରକାରୀ ଦପ୍ତର, ବେସରକାରୀ ଅନୁଷ୍ଠାନ ରେ ପ୍ରତି ମାସରେ ଏହି ସଚେତନ କାର୍ଯ୍ୟ ନିମନ୍ତେ ସ୍ୱତନ୍ତ୍ର ସମୟ ବାହାର କରିବା ଦରକାର । ସଚେତନତାହିଁ ଦୂର୍ଘଟଣା କୁ ସହଜରେ ଏଡାଇ ଦେଇ ଅମୂଲ୍ୟ ଜୀବନ ବଂଚାଇବାରେ ଏକ ମାତ୍ର ପନ୍ଥା ମନେହୁଏ !ଏହାସହ ପ୍ରଥମେ ଅଳ୍ପ ଜୋରିନାମା ଓ ପରେ ଯଦି ସେହି ବ୍ୟକ୍ତି ବାରମ୍ବାର ଆଇନ୍ ଉଲଘଂନ କରେ ତେବେ ମୋଟାଅଙ୍କର ଜୋରିମାନା ସହ ଥାନାରେ ନିଜ ତରଫରୁ ପୁନଃ ଏ ପ୍ରକାର ଭୁଲ ଯେପରି ନହୁଏ ତାହାର ଏକ ଲିଖିତ ଘୋଷଣାନାମା ଲେଖି ଉଭୟ ସ୍ୱାମୀ ଓ ସ୍ତ୍ରୀ କିମ୍ବା ଅଭିଭାବକ ଉଭୟ ପିଲା ସହ ଦସ୍ତଖତ ଦେବା ନିମନ୍ତେ ବ୍ୟବସ୍ଥା କରାଯାଉ !ଜିଲ୍ଲାର ବିଭିନ୍ନ ଥାନା ନିକଟରେ ଓ ଜନଗହଳି ସ୍ଥାନ ମାନଙ୍କରେ ଥିବା "ସି ସି କ୍ୟାମେରା"ରେ ମଧ୍ୟ ଅନୁଧାନ କରି ପ୍ରଥମେ ସଚେତନ ବାର୍ତ୍ତା ମଟରସାଇକଲ ମାଲିକ କୁ ଓ ପରେ ଜୋରିମାନା ନିମନ୍ତେ ମଧ୍ୟ ମୋବାଇଲ୍ ସନ୍ଦେଶ ଦିଆଯାଉ !

# ମାଲକାନଗିରି ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଖିଧରା ରୋଗ ବ୍ୟାପୁଛି

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗତ କିଛି ଦିନ ହେଲା ଚକ୍ଷୁରୋଗୀଙ୍କ ସଂଖ୍ୟା ଅସ୍ୱାଭାବିକ ଭାବେ ବଢ଼ିଛି। ଦୈନିକ ୨ଶହରୁ ଅଧିକ ରୋଗୀ ଡାକ୍ତରଖାନାକୁ ଚକ୍ଷୁ ସମସ୍ୟା ନେଇ ଆସୁଛନ୍ତି। ସେଥିରୁ ଅଧିକାଂଶ ଆଖିଧରା ରୋଗୀ। ଭୂତାଣୁଜନିତ ରୋଗ ହୋଇଥିବାରୁ ଏହା ଦ୍ରୁତ ଗତିରେ ବ୍ୟାପୁଥିବା ବେଳେ ସ୍ଥିତି ଚିନ୍ତାଜନକ ରହିଛି। କାରଣ ରୋଗୀଙ୍କ ମଧ୍ୟରେ ଅଧିକାଂଶ ବିଦ୍ୟାଳୟ ଛାତ୍ରଛାତ୍ରୀ। ଏତେ ସଂଖ୍ୟାରେ ରୋଗୀ ଆସୁଥିବାରୁ ସେମାନଙ୍କ ତଥ୍ୟ ମଧ୍ୟ ରେକର୍ଡ ହୋଇପାରୁନି। ଅନ୍ୟପକ୍ଷରେ ଏଠାରେ ଜଣେ ମାତ୍ର ଡାକ୍ତର ରହିଥିବାରୁ କାର୍ଯ୍ୟଚାପ ଅଧିକ ପଡୁଛି। ଏମିତି ସ୍ଥିତିରେ କିଛି ଜରୁରୀ ଔଷଧ ମଧ୍ୟ ଡାକ୍ତରଖାନାରେ ନିଅଂଟ ପଡ଼ିଲାଣି। ତେଣୁ ରୋଗୀଙ୍କୁ ବିକଳ୍ପ ଔଷଧ ଦିଆଯାଉଛି। ଯଦି କିଛି ଦିନ ମଧ୍ୟରେ ଔଷଧ ନଆସେ ତେବେ ବଡ଼ ସଂକଟ ସୃଷ୍ଟି ହେବ ବୋଲି କୁହାଯାଉଛି।ମାଲକାନଗିରି ଜିଲ୍ଲାରେ ବର୍ଷା ପ୍ରଭାବ ବଢ଼ିବା ପରେ ଆଖିଧରା ଭଳି ଡିଆଁ ରୋଗ ବେକାବୁ ହୋଇଛି। ପରିବାରରୁ ଜଣେ ସଂକ୍ରମିତ ହେଲେ ଅନ୍ୟ ଜଣଙ୍କୁ ଡେଉଁଛି। ବିଶେଷ କରି ଛାତ୍ରଛାତ୍ରୀ ଏହି ରୋଗରେ ସର୍ବାଧିକ ସଂକ୍ରମିତ ହୋଇଛନ୍ତି। ହଷ୍ଟେଲରେ ରହି ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅଧିକ। ଆଖି ସଂପୂର୍ଣ୍ଣ ନାଲି ହୋଇଯାଇ ଅନବରତ ଲୁହ ଝରୁଛି। ଯନ୍ତ୍ରଣା ସହ ଜ୍ୱର ଭଳି ଲକ୍ଷଣ କିଛି ରୋଗୀଙ୍କ ନିକଟରେ ଦେଖିବାକୁ ମିଳିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଚକ୍ଷୁ ଚିକିତ୍ସା ବିଭାଗକୁ ଗତ ମଇ ମାସରେ ସମୁଦାୟ ୯୫୬ ଜଣ ରୋଗୀ ଚିକିତ୍ସା ପାଇଁ ଆସିଥିଲେ।

# ଆସନ୍ତା ୨୩ରେ ହୀରାକୁଦ ଜଳଭଣ୍ଡାରରୁ ଛଡାଯିବ ବନ୍ୟାଜଳ: ଜନସାଧାରଣଙ୍କ ପାଇଁ ଜାରି ହେଲା ସତର୍କ ସୂଚନା

ଭୁବନେଶ୍ୱର, (ପି.ଏନ): ରାଜ୍ୟର ହୀରାକୁଦ ଜଳଭଣ୍ଡାରରେ କ୍ରମାଗତ ଭାବେ ଜଳସ୍ତର ବଢ଼ିଚାଲିଥିବାରୁ ଏହାକୁ ନେଇ ଲୋକଙ୍କ ମଧ୍ୟରେ ଆଶଙ୍କା ବଢ଼ି ଚାଲିଥିଲା । ତେଣୁ ଖୁବଶୀଘ୍ର ହୀରାକୁଦ ଜଳଭଣ୍ଡାରରୁ ଜଳ ଛଡାଯାଇ ପାରେ ବୋଲି ଅନୁମାନ କରାଯାଉଥିଲା । ତେବେ ମଧ୍ୟରେ ଆସିଛି ଏକ ବଡ ଅପଡେଟ୍ । ଆସନ୍ତା ୨୩ ତାରିଖରେ ହୀରାକୁଦରୁ ବନ୍ୟାଜଳ ଛଡାଯିବ । ଏନେଇ ସର୍ବସାଧାରଣଙ୍କ ନିମନ୍ତେ ସତର୍କ ସୂଚନା ଜାରି କରାଯାଇଛି । ସୂଚନା ମୁତାବକ, ଆସନ୍ତା ୨୩ ତାରିଖ ସକାଳ ୯ଟା ସମୟରେ ହୀରାକୁଦ ଜଳଭଣ୍ଡାରରୁ ବନ୍ୟା ଜଳ ଛଡାଯିବ । ବନ୍ୟାଜଳ ଛଡାଯିବା ଫଳରେ ମହାନଦୀ ଓ ଶାଖା ନଦୀଗୁଡିକରେ ବନ୍ୟା ଜଳସ୍ତର ବୃଦ୍ଧି ପାଇବ । ତେଣୁ ବନ୍ୟା ଜଳ ଛଡାଯିବା ନେଇ ୧୪ଟି ଜିଲ୍ଲାର ଜନସାଧାରଣଙ୍କୁ ଆଗୁଆ ସତର୍କ କରି ଦିଆଯାଇଛି । ଅଚାନକ ବନ୍ୟାଜଳ ଛାଡିବା ଫଳରେ ଲୋକଙ୍କର ଅନେକ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଛି । ତେଣୁ ଏନେଇ ଡ୍ୟାମ କର୍ତ୍ତୃପକ୍ଷ ସତର୍କ କରିଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଗତ କିଛିଦିନ ଧରି ରାଜ୍ୟରେ ମୌସୁମୀ ଜନିତ ବର୍ଷା ଜାରି ରହିଥିବାରୁ ଏହା ମଧ୍ୟରେ ହୀରାକୁଦ ଡ୍ୟାମର ଜଳସ୍ତର ଧୀରେଧୀରେ ବଢ଼ିବାରେ ଲାଗିଥିଲା । ତେଣୁ ଡ୍ୟାମ ପାଣି ବଢ଼ିବାକୁ ନେଇ ଲୋକଙ୍କ ମନରେ ଆଶଙ୍କା ଜାତ ହୋଇଥିଲା । ଦୁଇ ଦିନ ପୂର୍ବରୁ ହୀରାକୁଦ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୯୦,୧୨୧ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ୩୯,୦୮୭ କ୍ୟୁସେକ ଜଳ ନିଷ୍କାସିତ ହେଉଥିଲା ।

# ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି । ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷୀରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତ୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି । ପରବର୍ତ୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି ।

# ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ- ୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜମ୍ମେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।

# ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି । ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ । ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି । ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି । ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।


2023-2024



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Bhubaneswar Friday July 21, 2023 | ଭୁବନେଶ୍ୱର ଶୁକ୍ରବାର, ଜୁଲାଇ ୨୧,୨୦୨୩ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



## କଂଗ୍ରେସ ଆହ୍ୱାନରେ ଏକତ୍ରିତ ହେଲେ ରାଜ୍ୟର ସମସ୍ତ ଅଣ ବିଜେପି ଓ ବିଜେଡ଼ି ରାଜନୈତିକ ଦଳର ନେତୃବୃନ୍ଦ



ଭୁବନେଶ୍ୱର,(ପି.ଏନ); ରାଜ୍ୟ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଓଡ଼ିଶାର ସମସ୍ତ ଅଣବିଜେପି ଓ ବିଜେଡ଼ି ରାଜନୈତିକ ଦଳର ଶୀର୍ଷ ନେତୃବୃନ୍ଦ ଭୁବନେଶ୍ୱର ସ୍ଥିତ ହୋଟେଲ କେଶରୀର ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏକ ବୈଠକରେ ଯୋଗଦାନ କରିଥିଲେ। ସାଂପ୍ରତିକ ଓଡ଼ିଶାର ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ପରିସ୍ଥିତିର ଘୋର ଅବକ୍ଷୟ, ଏପରିକି ରାଜ୍ୟର ୨୪ ବର୍ଷର ବିଜେଡ଼ି ସରକାର ଅପାରଗତା ଓ କେନ୍ଦ୍ରର ୯ ବର୍ଷର ବିଜେପି ସରକାର ଜନବିରୋଧି ନୀତି ଯୋଗୁଁ ଜନସାଧାରଣଙ୍କ ଜନ ଜୀବନ ଅତ୍ୟନ୍ତ ଜଟିଳ ଓ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବିଜୁଜନତା ଦଳର ସରକାର ଓଡ଼ିଶାର କୃଷକ, ଯୁବକ, ମହିଳା, ଶ୍ରମିକ ଏପରିକି ଛାତ୍ରଛାତ୍ରୀ ମାନଙ୍କର ଆଗାମୀ ଭବିଷ୍ୟତକୁ ଅନ୍ଧକାର ଭିତରକୁ ଠେଲି ଦେଇଛି। ରାଜ୍ୟର ଉତ୍କଟ ଦାରିଦ୍ର୍ୟତା, ଦରଦାମ ବୃଦ୍ଧି, ବିଜୁଳି ଦରବୃଦ୍ଧି ଏବଂ ବିଜୁଳି କାଟ, ଶ୍ରମିକ ଶୋଷଣ ନୀତି, ରାଜ୍ୟର ଲକ୍ଷ ଲକ୍ଷ ଶ୍ରମିକ ଆଜି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି କିନ୍ତୁ ୨୩ ବର୍ଷର ସରକାରର ସାମାନ୍ୟତମ ନିଷ୍ଠା ନାହିଁ, ରାଜ୍ୟ ବିକାଶ ପ୍ରତି ପ୍ରତିବଦ୍ଧତା ନାହିଁ। ଅନ୍ୟପଟରେ ଭାରତ ବର୍ଷର ସମ୍ବିଧାନ, ଗଣତନ୍ତ୍ର, ଐକ୍ୟ ଓ ବିଭିନ୍ନତାକୁ ଆଜି ଖଣ୍ଡବିଖଣ୍ଡିତ କରିବା ସହିତ ସମାଜରେ ଧୃବିକରଣ ସୃଷ୍ଟି କରିବାରେ ଲାଗିଛନ୍ତି। ଦିନକୁ ଦିନ ଏହିସବୁ ଶକ୍ତିମାନେ ଅଧିକ ଶକ୍ତିଶାଳୀ ହୋଇ ଦେଶ ଓ ରାଜ୍ୟରେ ଜନସାଧାରଣଙ୍କର ପ୍ରଭୁତ କ୍ଷତି କରୁଛନ୍ତି। ଏହି ସବୁ ସମସ୍ୟାକୁ ନେଇ ଆଜି କଂଗ୍ରେସ ସମେତ ୯ଟି ରାଜନୈତିକ ଦଳର ନେତୃବୃନ୍ଦ ଏହି ବୈଠକରେ ଯୋଗଦାନ କରିଥିଲେ। ବୈଠକର ନିଷ୍ପତି ଅନୁସାରେ ଅଗଷ୍ଟମାସ ପ୍ରଥମ ସପ୍ତାହରେ ଭୁବନେଶ୍ୱର ଠାରେ ସମସ୍ତ ଅଣ ବିଜେଡ଼ି ଓ ଅଣ ବିଜେପି ରାଜନୈତିକ ଦଳ ମାନଙ୍କର ଏକ ରାଜନୈତିକ ସମ୍ମିଳନୀ ହେବ। ପ୍ରକାଶଥାଉକି ପ୍ରଦେଶ କଂଗ୍ରେସ ସଭାପତି କଂଗ୍ରେସ ଦଳ ତରଫରୁ ପୂର୍ବତନ ପିସିସି ସଭାପତି ଶ୍ରୀ ପ୍ରସାଦ ହରିଚନ୍ଦନଙ୍କୁ ଆବାହକ ଦାୟୀତ୍ୱ ଅର୍ପଣ କରିଥିଲେ। ଏହି ସମ୍ମିଳନୀରେ ରାଜ୍ୟର ଉପରୋକ୍ତ ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ନେଇ ରଣ କୌଶଳର ଖସଡ଼ା ପ୍ରସ୍ତୁତ ହେବ। ୨୦୨୪ ସାଧାରଣ ନିର୍ବାଚନରେ ଉଭୟ କେନ୍ଦ୍ରରେ ବିଜେପି ଓ ରାଜ୍ୟରେ ବିଜେଡ଼ିକୁ ପରାସ୍ତ କରିବାକୁ ପଡ଼ିବ। ଏଥିପାଇଁ ରାଜ୍ୟର ପ୍ରତ୍ୟେକ ବ୍ଲକ ଓ ଜିଲ୍ଲା ସ୍ତରରେ ଜନବିରୋଧି କାର୍ଯ୍ୟକ୍ରମ ବିରୁଦ୍ଧରେ ଆନ୍ଦୋଳନ କରାଯିବ ବୋଲି ଉପସ୍ଥିତ ଥିବା ସମସ୍ତ ରାଜନୈତିକ ନେତୃବୃନ୍ଦମାନେ ପ୍ରକାଶ କରିଛନ୍ତି। ଏହି ବୈଠକରେ କଂଗ୍ରେସ ଦଳ ତରଫରୁ ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ରାମଚନ୍ଦ୍ର ଖୁଂଟିଆ, ବିଜୟ ପଟ୍ଟନାୟକ, ସିପିଆଇ (ଏମ)ର ଅଳି କିଶୋର ପଟ୍ଟନାୟକ, ଜନାର୍ଦ୍ଦନ ପତି, ସୁରେଶ ପାଣିଗ୍ରାହୀ, ସିପିଆଇ ର ଅଭୟ ସାହୁ, ଡାକ୍ତର ପ୍ରଶାନ୍ତ ମିଶ୍ର, ରାଷ୍ଟ୍ରୀୟ ଜନତା ଦଳର ହେମନ୍ତ କୁମାର ମିଶ୍ର, ସୌଦାମିନି ସାମନ୍ତରାୟ, ସମାଜବାଦୀପାର୍ଟି ରାଜ୍ୟ ସଭାପତି ରବି ବେହେରା, ସୟ ନାୟକ, ସମତାକ୍ରାନ୍ତିର ପ୍ରଭାସ ସାମନ୍ତରାୟ, ଆରପିଆଇ ଅବୁଦଲ ଓ୍ୱାଲି, ଆମଆଦ୍‌ମୀ ପାର୍ଟିର ସିବ ମହାନ୍ତି, ଟିଏମସିର ନନ୍ଦନ ପାଲ ଇତ୍ୟାଦି ପ୍ରମୁଖ ନେତୃବର୍ଗ ଉପସ୍ଥିତ ଥିଲେ।

## ପଲ୍ଲୀରତ୍ନ ପଣ୍ଡିତ ବଂଶୀଧରଙ୍କ ଜୟନ୍ତୀ ପାଳିତ

ଯାଜପୁର,(ପି.ଏନ):ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକ ଅନ୍ତର୍ଗତ ବାଲିଗଣ୍ଡ (କୁଆଁରପୁର) ଗ୍ରାମରେ ଆଜୀବନ "ପରିବେଶ-ପଲ୍ଲୀ-ପୁସ୍ତକ" ସେବା କରିଆସିଥିବା ପଲ୍ଲୀରତ୍ନ ପ୍ରକୃତିବନ୍ଧୁ ପଣ୍ଡିତ ସ୍ୱର୍ଗତ ବଂଶୀଧର ପଣ୍ଡାଙ୍କ ଜୟନ୍ତୀ ପ୍ରତିବର୍ଷ ପରି ଚଳିତ ମାସ ୨୦ ତାରିଖରେ ଯାଜପୁର ସହରସ୍ଥିତ ଗରିଆପୁର ଉନ୍ନୀତ ଉପ୍ରା ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଯାଜପୁରର ନରଣପୁରସ୍ଥିତ "ସବୁଜସ୍ୱପ୍ନ" ପ୍ରକାଶନୀ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିରୂପେ ବିଶିଷ୍ଟ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଶିକ୍ଷାଧିକାରୀ ଉଲ୍ଲାସିନୀ ପଣ୍ଡା, ମୁଖ୍ୟ ବକ୍ତାଭାବେ ବରିଷ୍ଠ ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ ଓ ସମ୍ମାନିତ ଅତିଥିରୂପେ ସାମ୍ବାଦିକ ବିଦ୍ୟାଧର ବେହେରା ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ସିଂ ଏଥିରେ ଅଧ୍ୟକ୍ଷତା କରି ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପଣ୍ଡିତ ବଂଶୀଧରଙ୍କ ଫଟୋଚିତ୍ରରେ ଅତିଥିମାନେ ମାଲ୍ୟାର୍ପଣ କରି ତାଙ୍କ ବହୁମୁଖୀ ପ୍ରତିଭା ବିଷୟରେ ବର୍ଣ୍ଣନା କରିଥିଲେ। ସୁସାହିତ୍ୟିକ, ଶିକ୍ଷାବିତ୍, ଗ୍ରାମ୍ୟଗବେଷକ ଓ ପରିବେଶବିତ୍ ପଲ୍ଲୀରତ୍ନ ବଂଶୀଧରଙ୍କ ଜୀବନାଦର୍ଶ ଆଗାମୀ ବଂଶଧରଙ୍କୁ ପ୍ରେରଣା ଯୋଗାଇବ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ।

## ପ୍ରତାପଶାସନ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପାଳିତ



ବାଲିଅନ୍ତା,(ପି.ଏନ): ବୁଧବାର ୧୧ ଘଟିକା ସମୟରେ ବାଳକାଟି ସ୍ଥିତ ପ୍ରତାପଶାସନ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ପୁରସ୍କାର ବିତରଣ ଉତ୍ସବ ପ୍ରଧାନଶିକ୍ଷକ ଶାନ୍ତନୁ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଏଥିରେ ଅତିଥିଭାବେ ଚଳଚ୍ଚିତ୍ର ସଂଳାପ ଲେଖକ ଡ଼. ରଜନୀ ରଞ୍ଜନ ଦାଶ, ସମାଜସେବୀ ବେଣୁଧର ଭୋଇ, ଭାରତୀୟ ଷ୍ଟେଟ ବ୍ୟାଙ୍କର ଶାଖା ପ୍ରବନ୍ଧକ ଦେବହୁତି ରଥ, ସ୍ଥାନୀୟ ସରପଞ୍ଚ ରୀନା ବେହେରା, ସମିତିସଭ୍ୟ ଗଙ୍ଗାଧର ମାହାରୀ, ନାଏବ ସରପଞ୍ଚ ଅରୁଣ ସାହୁ, ପୂର୍ବତନ ସରପଞ୍ଚ ଭାଗ୍ୟଧର ନନ୍ଦୀ, ଓଡିଶା ମାଧ୍ୟମିକ ଶିକ୍ଷକ ସଙ୍ଘ(ଓଷ୍ଟା)ର ସାଧାରଣ ସମ୍ପାଦକ ରଞ୍ଜନ ଦାଶ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କେଳୁଚରଣ ବେହେରା, ଯୁବନେତା ଅରବିନ୍ଦ ସାହୁ, ଆଲୁମିନି କମିଟି ସଭାପତି ସବିତା ରଥ, ସମ୍ପାଦିକା ବିଜୟଲକ୍ଷ୍ମୀ ମିଶ୍ର ପ୍ରମୁଖ ଯୋଗଦେଇ ଛାତ୍ରୀ ମାନଙ୍କୁ ଭଲ ମଣିଷ ହେବାପାଇଁ ଉପାଦେୟତା ଗୁଡିକ କହିଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା କୃତି ଛାତ୍ରୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅବସରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ ବସନ୍ତ ମଞ୍ଜରୀ ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହକାରୀ ଶିକ୍ଷକ ବିନୋଦ କୁମାର ସାହୁ, ଛାତ୍ରୀ ଲିପ୍ସା ପଟ୍ଟନାୟକ ଏବଂ ଅମ୍ରିତା ମହାରଣା ମଞ୍ଚ ପରିଚାଳନା କରିଥିଲେ କ୍ଷ ଶେଷରେ ଛାତ୍ରୀଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତ୍ରିତ ଅତିଥି ମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

## ବେଗୁନିଆରେ ସାମ୍ବାଦିକତା ପାଲଟିଛି ବ୍ୟବସାୟର ପେଣ୍ଠସ୍ଥଳ,ସାଧାରଣରେ ଅସନ୍ତୋଷ

ଖୋର୍ଦ୍ଧା, (ପିଏନ): ବେଗୁନିଆ ବ୍ଲକ ଅଞ୍ଚଳରେ ଅଳ୍ପ କିଛି ସାମ୍ବାଦିକ ଏକ ଗୋଷ୍ଠୀ କରି ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ କାର୍ଯ୍ୟାଳୟଠାରୁ ଆରମ୍ଭ କରି ସାଧାରଣ ଲୋକ ପର୍ଯ୍ୟନ୍ତ ଅର୍ଥ ଆଦାୟ ଯୋଗୁଁ ଅସନ୍ତୋଷ ପ୍ରକାଶ ପାଇଛି ।ଯଦି ପ୍ରଶାସନ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରେ ତେବେ ଆଗାମୀ ଦିନରେ ଉଗ୍ର ରୂପ ନେବାର ଆଶଙ୍କା ପ୍ରକାଶ ପାଇଛି ।ଏହି ସାମ୍ବାଦିକ ମାନେ ପ୍ରତ୍ୟହ ସକାଳୁ ନିଜର ରୋଜଗାର ମାଧ୍ୟମ ଭାବି କୌଣସି ଖବର ପ୍ରକାଶ କରିବାକୁ ହେଲେ ସେଠାରେ ପହଁଚି କେତେଟା ଖବର ବାହାରିବ ବୋଲି ପଚାରିବା ସହ କେତେ ପରିମାଣର ଅର୍ଥ ଦେବ ବୋଲି ଚୁକ୍ତି କରୁଛନ୍ତି । ଯଦି ଚୁକ୍ତି ମୁତାବକ ଆବଶ୍ୟକୀୟ ଅର୍ଥ ସଠିକ ଭାବରେ ମିଳିଯାଏ ଖବର ପ୍ରକାଶିତ ହୋଇଥିବା ବେଳେ ଏଥିରୁ ବର୍‌ହିଭୁତ ହେଲେ ଭୟଭୀତ କରି ଭିତିହୀନ ଖବରକୁ ପରିବେଷଣ କରିଥାନ୍ତି।

## ବାଛୁରୀ ମାରି ଉପସ୍ଥିତି ଜାହିର୍ କଲା ବାଘ



ନୂଆପଡା,(ପି.ଏନ): କିଛିଦିନ ଆଗରୁ ଆମାନରା ବିଟ୍ ଅଞ୍ଚଳରେ ବାଘ ବୁଲୁଥିବାର ଗୁଜବ ସତ ହେଇଛି ।ନୂଆପଡା ରେଞ୍ଜ୍ ଆମାନରା ବିଟ୍ ଅନ୍ତର୍ଗତ ତରିଆ ମହୁଆଭଟା ଗାଁ ରେ ଗୁହାଳରେ ଥିବା ଗୋଟିଏ ବାଛୁରୀକୁ ମାରି ନିଜର ଉପସ୍ଥିତୀ ଜାହିର୍ କରିଛି ବାଘ ।ଜଙ୍ଗଲକୁ ଲାଗି ରହିଥିବାରୁ ଏହି ଅଞ୍ଚଳରେ ସବୁବେଳେ ବାଘ ଆତଙ୍କ ଲାଗି ରହିଛି । ଏମିତି ଘଟଣାର ପୁନରାବୃତ୍ତି ହେଉଥିଲେ ମଧ୍ୟ ବନ ବିଭାଗ ସେମିତି କିଛି ପଦକ୍ଷେପ ନେଉ ନ ଥିବାରୁ ଲୋକମାନେ ଭାଗ୍ୟକୁ ଆଦରି ଭୟଭିତ ଜୀବନଜାପନ କରୁଛନ୍ତି ।ଏବେ ଗାଁକୁ ବନ କର୍ମଚାରୀ ଆସି ତଲାସୀ କରୁଛନ୍ତି । ବାଛୁରୀ ହରେଇଥିବା ଗୋବିନ୍ଦ ନାୟକ କ୍ଷତୀ ପୁରଣ ଦାବି କରିଥିବା ବେଳେ ସୁରକ୍ଷା ପାଇଁ ବନ ବିଭାଗ ସ୍ଥାୟୀ ପଦକ୍ଷେପ ନେଉ ବୋଲି ଗ୍ରାମବାସୀ ଦାବୀ ରଖିଛନ୍ତି।

## ଅପରାଧିଙ୍କ ସହ ପୌରାଧ୍ୟକ୍ଷଙ୍କ ସମ୍ପର୍କକୁ ନେଇ ବିରୋଧ କଲେ ଶ୍ରମିକ ନେତା ପ୍ରକାଶ




ପାରାଦୀପ,(ପି.ଏନ): ନିଜର ରାଜନୈତିକ ଓ ବ୍ୟବସାୟିକ ଫାଇଦା ପାଇଁ ପାରାଦୀପ ନଗର ବିଜେଡି ସଭାପତି ତଥା ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଅପରାଧି ମାନଙ୍କୁ ଶକ୍ତି ଓ ପ୍ରଶ୍ରୟ ଦେଇଥିବା ନେଇ ଅଭିଯୋଗ କରିଛନ୍ତି ଶ୍ରମିକ ନେତା ତଥା ପାରାଦୀପ ପୋର୍ଟ ମଜଦୁର ସଂଘ ସଭାପତି ପ୍ରକାଶ ତ୍ରିପାଠୀ । ଗୁରୁବାର ଦିନ ୟୁନିୟନ ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ତ୍ରିପାଠୀ ଏବାବଦରେ ଅଭିଯୋଗ କରି ସୂଚନା ଦେଇଥିଲେ ଯେ ପାରାଦୀପ ଅଂଚଳରେ ଆଇଓସିଏଲ, ପିପିଏଲ, ଇଫକୋ ପରି ଅନେକ ଶିଳ୍ପ ଆସିବାର ଅଛି। ବର୍ତ୍ତମାନ ଏନଆରଏଲ ପ୍ରକଳ୍ପ ଚାଲୁଅଛି । ଏଠାରେ ପ୍ରତ୍ୟେକ ଦିନ ଶହ ଶହ କୋଟି ଟଙ୍କାର ବ୍ୟବସାୟ ହୋଇଥାଏ। ଯେହେତୁ ଶାସକ ଦଳର ସବୁଥିରେ ପ୍ରଭାବ ରହିଥାଏ, ତେଣୁ ପ୍ରଶାସନ ଶାସକ ଦଳର ନେତାଙ୍କ କଥାକୁ ଗୁରୁତ୍ୱ ଦେଇଥାଏ । ବର୍ତ୍ତମାନ ପାରାଦୀପରେ ଶାସକ ଦଳର ପୌରାଧ୍ୟକ୍ଷ ଓ ପୌରାଞ୍ଚଳର ଦଳିୟ ସଭାପତି ବସନ୍ତ ବିଶ୍ୱାଳ ଅଛନ୍ତି । ପାରାଦୀପ ଶିଳ୍ପାଞ୍ଚଳରୁ ଅଧିକରୁ ଅଧିକ ଆର୍ଥିକ ଲାଭ ଉଠାଇବା ପାଇଁ ଅସାଧୁ ଗଠବନ୍ଧନ କରି ପ୍ରଚ୍ଛଦ ପଟରେ ରହିଛନ୍ତି ପୌରାଧ୍ୟକ୍ଷ ଓ ଚତୁରତାର ସହିତ ଗଠବନ୍ଧନକୁ ପରିଚାଳନା କରୁଛନ୍ତି ବୋଲି ଶ୍ରୀ ତ୍ରିପାଠୀ ପ୍ରକାଶ କରିଛନ୍ତି । ଯାହା ଯୋଗୁଁ ବିଭିନ୍ନ ଶ୍ରମିକ ସଂଘ, ଟ୍ରକ ସଂଘ, ଡର ସଂଘ, ଟ୍ରେଲର ସଂଘ, ମାଛଧରା ଟ୍ରଲର ସଂଘ, ଠିକାଦର ସଂଘ ଭଳି ଅନେକ ସଂଘ ନିଜର ସ୍ୱାର୍ଥ ରକ୍ଷା କରିବା ପାଇଁ ବିଫଳ ହେଉଛନ୍ତି । ଗତ ଦୁଇ ଦିନ ତଳେ ଜ୍ୟୋତିକାନ୍ତ ପରିଡା ଓରଫ ବାପୁ ପରିଡାଙ୍କୁ ବସନ୍ତଙ୍କ ସୁପାରିସ କ୍ରମେ ଜଗତସିଂହପୁର ଜିଲ୍ଲା ବିଜେଡି ଉପସଭାପତି ଭାବେ ନିଯୁକ୍ତି ପାଇବା ଅସାମାଜିକ କାର୍ଯ୍ୟକୁ ପୁରସ୍କାର ଭଳି ନୁହେଁ ତ । ପୋଲିସ ପାଖରେ ସମସ୍ତ କ୍ରାଇମ ରେକର୍ଡ ରହିଥିବା ବେଳେ ଉପସଭାପତି କରିବା ବସନ୍ତଙ୍କର କଣ ଉଦେଶ୍ୟ ବୋଲି ପ୍ରଶ୍ନ କରିଛନ୍ତି ଶ୍ରମିକ ନେତା ପ୍ରକାଶ । ଦିନେ ଅପରାଧ ନିୟନ୍ତ୍ରଣ କରିବା ପାଇଁ ପୋଲିସ ଯାହାକୁ ଖୋଜୁଥିଲା ଆଜି ତାକୁ ସମ୍ମାନ ଦେଲାଣି । ଯାହାଦ୍ୱାରା ବାପୁ ଏସବୁ ଅପରାଧିକ କାମକୁ ସହଜରେ ନିୟନ୍ତ୍ରଣ କରିବାରେ ସଫଳ ହେବା ସହିତ ପାରାଦୀପ ବନ୍ଦରାଞ୍ଚଳରେ ଆରମ୍ଭ ହୋଇଥିବା ଏନଆରଏଲ ପ୍ରକଳ୍ପକୁ ଅସାଧୁ ଉପାୟରେ କବ୍ଜା କରିବା ଏବଂ ବନ୍ଦର ନିଷିଦ୍ଧାଞ୍ଚଳରେ ଚୋରା କୋଇଲା ଓ ତେଲ କାରବାର କରିବା ଉଦେଶ୍ୟ ନୁହେଁ ତ । ଅନ୍ୟ ଜଣେ ବସନ୍ତଙ୍କ ସହଯୋଗି ଚର୍ଚ୍ଚିତ ଅପରାଧି ଛଦ୍ମବେଶି ଶ୍ରମିକ ନେତା ବାପି ସରଖେଲଙ୍କ ସହିତ ଗଠବନ୍ଧନ ଏବେ ଦାଣ୍ଡରେ ପଡି ହାଟରେ ଗଡୁଥିବା କଥା ଶ୍ରୀ ତ୍ରିପାଠୀ ପ୍ରକାଶ କରିଛନ୍ତି । ମୁନିସିପାଲିଟି ନିର୍ବାଚନରେ ସରଖେଲ ଓ ବସନ୍ତଙ୍କ ଗୁପ୍ତ ବୁଝାମଣା କରି ଆମ ପାରାଦୀପ ଆମ ପ୍ରଗତୀ ସଂଗଠନ କରି ବସନ୍ତଙ୍କ ମନୋନୀତ ପାରିଷଦ ପ୍ରାର୍ଥୀଙ୍କୁ ଉକ୍ତ ସଂଗଠନରେ ପ୍ରାର୍ଥୀ ଦେଲେ । ଏଥରୁ ପ୍ରମାଣ ପୌରାଧକ୍ଷ ବସନ୍ତଙ୍କ ଅପରାଧି ବାପି ସରଖେଲଙ୍କ ସହ କେଉଁ ପରି ସମ୍ପର୍କ । ଏହି ଦୁଇ ଅପରାଧିଙ୍କୁ ସାଙ୍ଗରେ ରଖି କମ୍ପାନୀ ମାନଙ୍କୁ ପ୍ରେଟେକସନ ଦେଉଛନ୍ତି ବୋଲି ଚର୍ଚ୍ଚା ହେଉଛି ଯାହା ଫଳରେ କମ୍ପାନୀ ମାନେ ଏମାନଙ୍କ ଶରଣ ଓ ସହଯୋଗ ନେଇ ଶ୍ରମିକ ଶୋଷଣ, ସ୍ଥାନୀୟ ନିଯୁକ୍ତି ବଦଳରେ ବାହାର ରାଜ୍ୟରୁ ଶ୍ରମିକଙ୍କୁ ନିଯୁକ୍ତି ଦେବା ଓ ସ୍ଥାନୀୟ ଠିକାଦାରଙ୍କୁ ସେମାନଙ୍କ ବକେୟା ପ୍ରାପ୍ୟ ନଦେବା ଭଳି ଘଟଣା ବୃଦ୍ଧି ପାଇବାରେ ଲାଗିଛି । ଅନ୍ୟ ପକ୍ଷରେ ଶ୍ରମିକଙ୍କ ସ୍ୱାର୍ଥ ରକ୍ଷା ପାଇଁ ସ୍ୱର ଉଠାଉଥିବା ଶ୍ରମିକ ନେତାଙ୍କୁ ଏହି ମାଫିଆ ମାନଙ୍କ ପ୍ରରୋଚନାରେ କମ୍ପାନୀ ଦ୍ୱାରା ମିଛ ପୋଲିସ କେସ କରି ଜେଲ ପଠାଇ ସମସ୍ତ ଶ୍ରମିକ ସଂଗଠନ ଗୁଡିକୁ ଭୟଭୀତ କରି ରଖାଯାଇଥିବାର ଅଭିଯୋଗ କରିଛି ଶ୍ରମିକ ସଂଘ । ତେବେ ଏହି ଘଟଣାକୁ ନେଇ ଆମ ସଂଘ ପ୍ରତିବାଦ କରିବା ସହ ଘୋର ବିରୋଧ କରୁଛି ବୋଲି କହିଥିଲେ ଶ୍ରମିକ ନେତା ପ୍ରକାଶ । ଆଗାମୀ ଦିନରେ ପାରାଦୀପରେ ଶାନ୍ତି ଓ ଶ୍ରମିକଙ୍କ ସୁରକ୍ଷା ଏବଂ ସ୍ୱାର୍ଥ ରକ୍ଷା ଲାଗି ସଂଘ ତୀବ୍ର ଆନ୍ଦୋଳନ କରିବ ବୋଲି ପ୍ରକାଶ ତ୍ରିପାଠୀ ସୁଚନା ଦେଇଥିଲେ । ଏହି ସମ୍ବାଦିକ ସମ୍ମିଳନୀରେ ମଜଦୁର ସଂଘର କାର୍ଯ୍ୟକାରୀ ସଭାପତି ସୁବ୍ରତ କୁମାର ପ୍ରଧାନ ଓ ସମ୍ପାଦକ ଗୌତମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)

FIND THE DIFFERENCE

● Surveillance through CCTV Camera ● Small Classes ● Congenial Environment ● Intimate, Safe & Secured Place ● Experienced & loving teachers ● Individual attention to each child ● Spacious Playground ● AC Activity Room ● Transport Facilities



TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884, 2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray